## ସଂକ୍ଷେପରେ

### ଗଞ୍ଜେଇ ଜବତ, ୩ ଅଟକ

**ଛତିଆ,୧୮।୭(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଧନିଆ ପାହାଡ଼ ନିକଟରେ ଶନିବାର ରାତିରେ ଛତିଆ ବିଟ୍ ହାଉସ ପୋଲିସ ଅଧିକାରୀ ଗୋବର୍ଦ୍ଧନ ନାୟକ ଓ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ୫ କେଜି ଗଞ୍ଜେଇ ଜବତ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗଞ୍ଜେଇ କାରବାରରେ ସମ୍ପୃକ୍ତ ଅନ୍ୟ ଜଣେ ଯୁବକଙ୍କୁ ପୋଲିସ କଟକରୁ ଉଠାଇ ଆଣି ପଚରା ଉଚରା ଚଳାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଛତିଆକୁ ଗଞ୍ଜେଇ ଚାଲାଣ ହେଉଥିବା ବିଟ୍ ହାଉସ୍ ଅଧିକାରୀ ଖବର ପାଇ ରାତି ପାଟ୍ରୋଲିଂ ଜୋରଦାର କରିଥିଲେ। ଏହି ସମୟରେ ସନ୍ଦେହଜନକ ଭାବେ ବୁଲୁଥିବା ଦୁଇ ଯୁବକଙ୍କୁ ଠାବ କରି ପଚରା ଉଚରା କରିଥିଲେ। ପଚରାଉଚରାବେଳେ ଏହି ଯୁବକଙ୍କ ନିକଟରୁ ଗଞ୍ଜେଇ ମିଳିଥିଲା। ତେବେ ଏକ ବଡ଼ ଗ୍ୟାଙ୍ଗ୍ ପୁରୀରୁ ବାଲେଶ୍ୱର ପର୍ଯ୍ୟନ୍ତ କାରବାର କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତଦନ୍ତରେ ବାଧା ସୃଷ୍ଟି ହେବ ବୋଲି ପୋଲିସ ସମ୍ପୃକ୍ତ ଯୁବକଙ୍କ ନାମ ପ୍ରକାଶ କରିନାହିଁ।

### କରୋନା ଭୟ: ମୃତକଙ୍କୁ କାନ୍ଧ ଦେଲେନି ପଡ଼ୋଶୀ

**ନାଉଗାଁ,୧୮।୭(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତ ଭଟଣା ଗ୍ରାମର ରଘୁନାଥ ମହାନ୍ତିଙ୍କ ସ୍ତ୍ରୀ ଝୁଲଣ ମହାନ୍ତି (୫୮) ୩ ଦିନ ହେବ ଜ୍ୱରରେ ପୀଡ଼ିତ ଥିଲେ। ରବିବାର ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ନେଇ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ମୃତ ଝୁଲଣଙ୍କୁ କରୋନା ହୋଇଥିବା ଆଶଙ୍କା କରି ପଡୋଶୀ କାନ୍ଧ ଦେବାକୁ ଆସି ନ ଥିଲେ। ସାମାଜିକ ଅନୁଷ୍ଠାନ ନାଉଗାଁ ଡେଭଲପମେଣ୍ଟ ଫୋରମ ସହାୟତାରେ ତାଙ୍କ ମୃତଦେହ ସତ୍କାର କରାଯାଇଛି। ସାମାଜିକକର୍ମୀ ଚନ୍ଦନ ଲେଙ୍କା, କିଶୋର ପୁହାଣ ଓ ବିଶ୍ୱ ରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ପୁଅ ବବୁଲ ମୁଖାଗ୍ନି ଦେଇଥିଲେ।

### ୫ ୱାର୍ଡକୁ ଶଟ୍‌ଡାଉନ ଘୋଷଣା କଲେ ସରପଞ୍ଚ

**ତିର୍ତ୍ତୋଲ,୧୮।୭ (ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତର ଭଁସର ଓ ମଉଗଜପୁର ଗ୍ରାମରୁ ୨ ଦିନରେ ୧୦ରୁ ଊର୍ଦ୍ଧ୍ୱ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ସରପଞ୍ଚ ବେଦଦ୍ୟୁତି ପୃଷ୍ଟି ୫ଟି ୱାର୍ଡକୁ ୮ ଦିନ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହା ମଧ୍ୟରେ ଭଁସରର ୪,୫ ଏବଂ ୬ ନଂ. ୱାର୍ଡ ରହିଥିବାବେଳେ ମଉଗଜପୁରର ୭ ଓ ୮ନଂ. ୱାର୍ଡ ରହିଛି। ସୋମବାର ସକାଳ ୬ରୁ ୨୬ତାରିଖ ସକାଳ ୬ଟା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ଏ ସମ୍ପର୍କରେ ବିଡିଓ ଜିଲାପାଳଙ୍କୁ ଅବଗତ କରାଇଛନ୍ତି ବୋଲି ପୃଷ୍ଟି କହିଛନ୍ତି।

# ସୁରକ୍ଷା ବଳୟରେ ପାକ୍ସ ସମ୍ପାଦକ

**ଯାଜପୁର ଅଫିସ,୧୮।୭**

- ଜାଲ୍ ଟୋକନରେ ଧାନ କିଣା
- ପତ୍ରରେ ସୀମିତ କାର୍ଯ୍ୟାନୁଷ୍ଠାନ

ରାଜ୍ୟର ୧୪୦ ପ୍ରାଇମେରୀ ଏଗ୍ରିକଲଚରାଲ କ୍ରେଡିଟ୍ ସୋସାଇଟି (ପାକ୍ସ) ଓ ଲାର୍ଜ ଏରିଆ ମଲ୍‌ଟିପରପୋଜ୍ ସୋସାଇଟି (ଲାମ୍ପସ୍)ର ୧୭୪ ଜଣ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିରେ ସମ୍ପାଦକ, ଭାରପ୍ରାପ୍ତ ସମ୍ପାଦକ, ପରିଚାଳନା ନିର୍ଦ୍ଦେଶକ ପ୍ରମୁଖଙ୍କ ବିରୋଧରେ ଆର୍ଥିକ ଅନିୟମିତତା, ଧାନକ୍ରୟରେ ଅନିୟମିତତା ଆଦି ଅଭିଯୋଗ ରହିଛି। ତେବେ ୧୭୪ ଜଣଙ୍କ ମଧ୍ୟରୁ ଯାଜପୁର ଜିଲାର ଭରତପୁର, ତଳିହା ଓ ବାଗିରିଆ ପାକ୍ସର ମାତ୍ର ୩ ଜଣ ସମ୍ପାଦକ ରହିଛନ୍ତି। ୨।୭।୨୦୨୧ରେ ରାଜ୍ୟ ସେବା ସମବାୟ ସମିତିର ଉପ ନିବନ୍ଧକଙ୍କ ରିପୋର୍ଟରୁ ଏହା ଜଣାପଡିଛି। ତେବେ ଯାଜପୁର ଜିଲାରେ ବିଭିନ୍ନ ସମୟରେ ପାକ୍ସ କର୍ମଚାରୀଙ୍କ ବିରୋଧରେ ଏକାଧିକ ଅଭିଯୋଗ ହେଉଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ଉଚ୍ଚପଦାଧିକାରୀଙ୍କ କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ପ୍ରତି ପ୍ରଶ୍ନ ଉଠିଛି। ଏଠାରେ ବଡ଼ଚଣା ପାକ୍ସକୁ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ। ଗତ ୨ ମାସ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ୨ ଥର ୨୫ରୁ ଊର୍ଦ୍ଧ୍ୱ ଚାଷୀ ଏହି ପାକ୍ସ ସମ୍ପାଦକଙ୍କ ବିରୋଧରେ ରାଜ୍ୟ ସମବାୟ ସମିତିର ଉଚ୍ଚପଦାଧିକାରୀଙ୍କ ନିକଟରେ ଜାଲିଆତି ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁସାରେ ୨୦।୪।୨୦୨୧, ୩୦।୬।୨୦୨୧ ଓ ୧୩।୭।୨୦୨୧ରେ ତଦନ୍ତ ନିର୍ଦ୍ଦେଶ ହୋଇଛି। ହେଲେ ଏଯାଏ ତଦନ୍ତ ନ ହେବା କିମ୍ବା ପଦକ୍ଷେପ ଗ୍ରହଣ ନ କରିବା ଦୁର୍ନୀତିର ବିଜୟ ବୋଲି ସମ୍ପୃକ୍ତ ଚାଷୀମାନେ କହିଛନ୍ତି।

ଯାଜପୁର ଜିଲା ବଡ଼ଚଣା ବ୍ଲକ ବାଘୁଆ ଗ୍ରାମର ଚାଷୀ ଉଦୟନାଥ ରାଉତ, ଭ୍ରମରବର ରାଉତ, ଧ୍ରୁବାନନ୍ଦ ରାଉତ ପ୍ରମୁଖ ୧୫ ଜଣ ଚାଷୀ ୫।୪।୨୦୨୧ରେ ରାଜ୍ୟ ସେବା ସମବାୟ ସମିତିର ନିବନ୍ଧକଙ୍କ ନିକଟରେ ଜାଲ୍ ଟୋକନ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗରେ ୧୨୫, ୨୪୫, ୭୭, ୧୮୯, ୪୨୫, ୪୮୭, ୧୦, ୩୯, ୧୦୨, ୧୬୮, ୨୮୪, ୩୪୬, ୩୮୫, ୧୮୭, ୧୨୧, ୨୪୩, ୨୯୯, ୧୫୫, ୩୧, ୭୨ ଇତ୍ୟାଦି ଟୋକନ ନମ୍ବର ଜାଲିଆତି ହୋଇଛି। ପୈତୃକ ଚାଷଜମିକୁ ଜାଲିଆତି କରି କେତେକ ଲୋକଙ୍କ ନାମରେ ଅନଲାଇନରେ ସେମାନଙ୍କଠାରୁ ଧାନ କିଣାଯାଇଛି। ସମିତିରୁ ଟୋକନ ପାଇ ଧାନ ବିକ୍ରି କରିଥିବା ବ୍ୟକ୍ତିମାନେ ଏହି ଜମି ମାଲିକଙ୍କ ନାତି, ପୁତୁରା ଆଦି ସମ୍ପର୍କ ଥିବା ଦର୍ଶାଯାଇଛି। ତେବେ ବାସ୍ତବରେ ବେପାରୀମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ଧାନ କିଣାଯାଇଛି। ଏହି ଅଭିଯୋଗ ମିଳିବା


REMINDER- I
OFFICE OF THE REGISTRAR OF COOPERATIVE SOCIETIES:ODISHA:
BHUBANESWAR
No. XXVIII-16 / 2020 – (Part- II) 10079 / Bank-2/Date. 13/7/21

To
The Assistant Registrar of Cooperative Societies.
Jajpur Circle, Jajpur.

Sub.:- Allegation petition of Sri Udayanath Rout & 15 other farmers of Badachana SCS regarding irregularity in farmers registration as well as in paddy procurement.

Ref : - Letter No. 8299 Date. 20.05.2021 of the Directorate.

Sir,

Please refer to the letter on the subject cited above where in you have been requested to conduct enquiry & submit enquiry report on the above cited allegation petition. But till date the said enquiry report has not received by this Directorate.

In view of the above, once again you are requested to look into the matter personally & submit the enquiry report along with action taken thereof to this Directorate through e.mail- rcscredit.od@gmail.com within 07 days positively for taking further action at this level.

Yours faithfully,
13/7/21
Deputy Registrar
Cooperative Societies (Credit)

Memo No. 10080 / dated 13/7/21
Copy forwarded to Deputy Registrar of Cooperative Societies, Cuttack II Division for information & necessary action with reference to memo no.8300 dt.20.05.2021 of the Directorate.

13/7/21
Deputy Registrar
Cooperative Societies (Credit)

ପରେ ରାଜ୍ୟ ସମବାୟ ସମିତି(କ୍ରେଡିଟ୍)ର ଉପନିବନ୍ଧକ ୨୦।୫।୨୦୨୧ (ପତ୍ରସଂଖ୍ୟା ୮୨୯୯)ରେ ଯାଜପୁର ଏଆର୍‌ସିଏସ୍(ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି)ଙ୍କୁ ୭ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଆର୍‌ସିଏସ୍‌ଙ୍କଠାରୁ କୌଣସି ତଦନ୍ତ ରିପୋର୍ଟ ନ ମିଳିବାରୁ ଉପନିବନ୍ଧକ ୧୩।୭।୨୦୨୧ (ପତ୍ରସଂଖ୍ୟା ୧୦୦୭୯)ରେ ଉଦ୍‌ବେଗ ପ୍ରକାଶ କରି ତଦନ୍ତ ରିପୋର୍ଟ କାହିଁକି ଦାଖଲ ହେଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏହାସହ ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁରୂପ ଭାବେ ଚାଷୀ ଚିନ୍ତାମଣି ଜେନା ଏବଂ ଅନ୍ୟ ୧୦ ଜଣ ଚାଷୀ ୩୦।୪।୨୦୨୧ରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ସମବାୟ ସମିତିର ନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୯୫୬୬/୩୦।୬।୨୦୨୧ରେ ଡିଆର୍‌ସିଏସ୍ କୁଳମଣି ପାଢ଼ିଙ୍କୁ ସପ୍ତାହକ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶର ପ୍ରାୟ ୩ ସପ୍ତାହ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କିଛି ଅଗ୍ରଗତି ହୋଇ ନଥିବା ଜଣାପଡ଼ିଛି। ପୂର୍ବରୁ ଯାଜପୁର ଜିଲାର ମାର୍କଣ୍ଡପୁର, ମହିଶରା, ବନ୍ଦାଳୋ ଇତ୍ୟାଦି ପାକ୍ସରେ ଏଭଳି ଧାନ କିଣାରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଆସୁଛି। କିନ୍ତୁ ସମ୍ପୃକ୍ତ ସମ୍ପାଦକମାନେ ସୁରକ୍ଷାବଳୟରେ ରହିଥିବାରୁ ଯାଜପୁର ଜିଲାରେ କାର୍ଯ୍ୟାନୁଷ୍ଠାନ କେବଳ ୩ ପାକ୍ସରେ ସୀମିତ ରହିଛି।

ନିକଟରେ ଭିଜିଲାନ୍ସ ବଲାଙ୍ଗୀର ଜିଲା ଚାରଭଟା ପାକ୍ସ ସମ୍ପାଦକଙ୍କ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରିଛନ୍ତି। ତେଣୁ ଯାଜପୁର ଜିଲାରେ ମଧ୍ୟ ଏଭଳି ତଦନ୍ତ କରାଗଲେ ବହୁ ଲୁକ୍କାୟିତ ତଥ୍ୟ ସାମ୍ନାକୁ ଆସିବ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ତଦନ୍ତ ଭାର ଡିଆରସିଏସ୍‌ଙ୍କୁ ଦିଆଯାଇଛି। ନିର୍ଦ୍ଦେଶ ଅନୁସାରେ ନିଶ୍ଚିତ ଭାବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମାଟି ଉଠାଣକୁ ନେଇ ମାର୍‌ପିଟ, ଜଣେ ଗିରଫ

**ରସୁଲପୁର,୧୮।୭(ଡି.ଏନ.ଏ.)**

କୁଆଖିଆ ଥାନା ଅଧୀନ ବଡ଼କଇଞ୍ଚ ପଞ୍ଚାୟତ ଗରୁଆଳ ଗ୍ରାମରେ ମାଟି ଉଠାଣକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ରଙ୍ଗାଧର ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗ୍ରାମର ପ୍ରଭାକର ନାୟକଙ୍କ ଜମିରୁ ରଙ୍ଗାଧର ମାଟି ଉଠାଉଥିଲେ। ଏହାକୁ ପ୍ରଭାକର ବିରୋଧ କରିଥିଲେ। ମାତ୍ର ରଙ୍ଗାଧର ମାଟି ଉଠାଉଥିବା ଜମି ତାଙ୍କର ବୋଲି ଦାବି କରୁଥିଲେ। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଉପୁଜିଥିଲା। ପରେ ଉଭୟଙ୍କ ବୁଝାବଣାରେ ଜମିର ମାପଚୁପ୍ କରାଯାଇଥିଲା। କିନ୍ତୁ ଅମିନଙ୍କ ଦ୍ୱାରା କରାଯାଇଥିବା ସୀମା ନିର୍ଦ୍ଧାରଣକୁ ରଙ୍ଗାଧର ମାନି ନ ଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବଚସା ହୋଇଥିଲା। ରଙ୍ଗାଧର ଓ ତାଙ୍କ ସ୍ତ୍ରୀ ମିଶି ପ୍ରଭାକରଙ୍କୁ ମାଡ଼ ମାରିଥିଲେ। ଏନେଇ ଥାନାରେ ଗତ ୧୦ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୨୩୮/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣା ପରଠାରୁ ରଙ୍ଗାଧର ଘରୁ କୁଆଡ଼େ ପଳାଇ ଯାଇଥିଲେ। ଶନିବାର ରାତିରେ ସେ ଘରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ପକ୍କାଘରକୁ ଚାହିଁ ଆଖି ବୁଜିଥିଲେ ବାପା

**କୋରେଇ,୧୮।୭(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଯୋଜନାରୁ ପ୍ରକୃତ ହିତାଧିକାରୀ ଯେମିତି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ହେଲେ ରାଜନୈତିକ ଅଣଦେଖା ଓ ପ୍ରଶାସନିକ ଅବହେଳା କାରଣରୁ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲା କୋରେଇ ବ୍ଲକ ପଛିକୋଟ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ନାରାୟଣ ସାହୁ ଆବାସ ଯୋଜନାରେ ପକ୍କା ଘରକୁ ଚାହିଁ ଚାହିଁ ଗତ ୩ ବର୍ଷ ତଳେ ଆଖି ବୁଜିଥିଲେ । ତଥାପି ତାଙ୍କ ପରିବାର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ଯୋଜନାରେ ସାମିଲ କରାଯାଇନାହିଁ । ଏବେ ସେହି ଘରେ ଏକ ଦୁଃଖଦ ଘଟଣା ଘଟିଛି । ନାରାୟଣଙ୍କ ଝିଅ ଚାନ୍ଦିନୀ ଏକ ବିଷଧର ସାପ କାମୁଡ଼ାରେ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସମ୍ପର୍କୀୟଙ୍କ ସହାୟତାରେ


ଭଙ୍ଗା ଘର।

ଚାନ୍ଦିନୀଙ୍କୁ ପ୍ରଥମେ ଯାଜପୁରରୋଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଥିବା ନାରାୟଣ ଜଣେ ଦିନ ମଜୁରିଆ। ସ୍ତ୍ରୀ ସୁଷମା, ପୁଅ ଓ ଝିଅକୁ ନେଇ ତାଙ୍କର ନିଅଣ୍ଟିଆ ପରିବାର। ନାରାୟଣ ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର କଷ୍ଟେମଷ୍ଟେ ଚଳୁଥିଲା। ସେ ବଞ୍ଚିଥିବା ବେଳେ ଘର ଖଣ୍ଡେ ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗୁହାରି କରିଥିଲେ ।

- ଏବେ ସାପ କାମୁଡ଼ାରେ ଝିଅ ଗୁରୁତର
- ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ଆବାସ ଯୋଜନାରେ ଘର

ହେଲେ କେହି ତାଙ୍କୁ ସହଯୋଗର ହାତ ବଢ଼ାଇ ନ ଥିଲେ। ଏ ନେଇ ସୁଷମା କୁହନ୍ତି, କିଛି ନ ହେଲେ ବି ଭଲରେ ମୁଣ୍ଡ ଟିକେ ଗୁଞ୍ଜିବା ଆଶାରେ ସରକାରୀ ଯୋଜନାରେ ଏକ ପକ୍କା ଘରକୁ ଚାହିଁ ଚାହିଁ ସେ ଆଖି ବୁଜିଲେ। ତାଙ୍କ ମୃତ୍ୟୁରେ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇ ପଡିଲା। ଯେଉଁ ଘରେ ସେମାନେ ରହୁଥିଲେ, ମରାମତି ଅଭାବରୁ ବାସ ଅନୁପଯୋଗୀ ହୋଇପଡ଼ିଲା। ହେଲେ ଏତିକିରେ ଦୁଃଖ ସରିଲା ନାହିଁ। ବୁଧବାର ରାତିରେ ଝିଅ ଚାନ୍ଦିନୀଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଛି। ସେ ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛି। ଏପରି ସମୟରେ ଆମକୁ ସହାୟତା କରାଯାଉ ବୋଲି ସେ ନିବେଦନ କରିଛନ୍ତି।

## ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ, ଯୁବକ ଆହତ

**ରସୁଲପୁର,୧୮।୭(ଡି.ଏନ.ଏ.)**

**ଘଟଣାସ୍ଥଳରୁ ୨ ଖଣ୍ଡା, ଗୋଟିଏ କାତି ଜବତ: ଜଣେ ଗିରଫ**

କୁଆଖିଆ ଥାନା ବାହାଦଲପୁର ପଞ୍ଚାୟତ ଓରାଳି ଗ୍ରାମରେ ଶନିବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଉଭୟ ଗୋଷ୍ଠୀ ମଧ୍ୟରେ ଟେକାପଥର ମାଡ଼ ସହ ମାରଣାସ୍ତ୍ରରେ ଆକ୍ରମଣ ହୋଇଛି। ଏଥିରେ ବିନ୍ଦୁସାଗର ଦାସ ନାମକ ଯୁବକ ଆହତ ହୋଇଛନ୍ତି। ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚିବାରୁ ଗଣ୍ଡଗୋଳକାରୀ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରୁ ପୋଲିସ ୨ ଖଣ୍ଡା ଓ ଗୋଟିଏ କାତି ଜବତ କରି ତଦନ୍ତ ଜାରି ରଖିଛି। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ବିଜୟ ଦାସ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି।

ଗ୍ରାମର ପ୍ରଶାନ୍ତ ଦାସଙ୍କ ପୁଅ ବିନ୍ଦୁସାଗର ଓ ପ୍ରତିପକ୍ଷ ଅଜୟ ଦାସ ଏବଂ ତାଙ୍କ ଭାଇ ବିଜୟ ଦାସଙ୍କ ପରିବାର ମଧ୍ୟରେ ଆକ୍ଷେପମୂଳକ ମନ୍ତବ୍ୟକୁ ନେଇ ଗଣ୍ଡଗୋଳ ଉପୁଜିଥିଲା। ଏଥିରେ ଅଜୟଙ୍କ ପରିବାର ଉତ୍‌କ୍ଷିପ୍ତ ହୋଇ ଟେକାପଥର ମାଡ଼ କରିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ଜୋର ହୋଇଥିଲା। ଏଥିରେ ରାଗିଯାଇ ବିଜୟ, ଅଜୟ ଖଣ୍ଡା, ରଡ୍ ଓ କାତି ଧରି ଆକ୍ରମଣ କରିଥିଲେ। ବିଜୟଙ୍କ ରଡ୍ ମାଡ଼ରେ ବିନ୍ଦୁସାଗରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏନେଇ ବିନ୍ଦୁସାଗର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୨୪୩/୨୧) ରୁଜୁ କରିଛି। ପ୍ରତିପକ୍ଷ ଅଜୟଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁସାରେ ମାମଲା (ନଂ–୨୪୪/୨୧) ରୁଜୁ ହୋଇଛି। ପୋଲିସ ବିଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ପକ୍ଷରୁ ଘନଘନ ପାଟ୍ରୋଲିଂ କରାଯାଉଛି।

# ମାଣ୍ଡୁକା ନାହାକାହାଣୀ ପୀଠର ସୁରକ୍ଷା ଦାବି

**ବାଲିଚନ୍ଦ୍ରପୁର,୧୮।୭(ସ୍ୱ.ପ୍ର.)**

ବଡ଼ଚଣା ଅଞ୍ଚଳର ପ୍ରସିଦ୍ଧ ପର୍ଯ୍ୟଟନକ୍ଷେତ୍ର ଉଦୟଗିରି। ଏହାକୁ ଲାଗି ରହିଛି ଧାଉଡ଼ିଆପଦା ପାହାଡ଼, ଚଣ୍ଡିଆ ପାହାଡ଼, ସୋଲପୁଅ ମା’ ପାହାଡ଼, ମହାଗିରି ପାହାଡ଼ ସମେତ ଅସିହା ପର୍ବତମାଳା। ତେବେ ଏହି ସବୁ ଅଞ୍ଚଳରୁ ଏବେ ଦୈନିକ ମୋରମ ଚୋରା ଚାଲାଣ ହେଉଛି। ପ୍ରଶାସନ ପକ୍ଷରୁ ଜରିମାନା, ୧୪୪ ଧାରା ଜାରି କରାଯିବା ସତ୍ତ୍ୱେ ଲୁଟେରା ଲୁଟ୍ କରି ଚାଲିଛନ୍ତି। ଧାଉଡ଼ିଆପଦା ପାହାଡ଼ରେ ଟ୍ରେଞ୍ଚ ଖୋଳଯାଇ ଲୁଟ ରୋକିବା ପାଇଁ ପ୍ରୟାସ କରାଯାଇଛି। ଅନ୍ୟପକ୍ଷେ ପ୍ରଶାସନ ମାଣ୍ଡୁକାର ଏକ ଅଂଶ ବିଶେଷ ନିଲାମ ଦିଆଯାଇଛି। ଏହା ସତ୍ତ୍ୱେ ଅନେକ ସ୍ଥାନରୁ ଲୁଟ ହେଉଛି ଲଘୁଖଣିଜ ପଦାର୍ଥ। ଏହି ପର୍ବତମାଳାର ମାଣ୍ଡୁକା ମୌଜାରେ ରହିଛନ୍ତି ମା’ନାହାକାହାଣୀ। ପୀଠର ଜମି ଖାତା ନଂ.୧୩୫୦, ପ୍ଲଟ ନଂ.୩୪୮୬ ୪ ଏକର ୪୮ ଡିସିମିଲ୍ ଏବଂ ମା’ଙ୍କ ବିଜେସ୍ଥଳି ୨୩ ଡିସିମିଲ୍ ସର୍ବମୋଟ ୪ ଏକର ୭୧ ଡସିମିଲ୍ ଜମି ରହିଛି। ଏହାକୁ ଦେବୋତ୍ତର ବିଭାଗ ନିଜ ଅଧୀନରେ ରଖିଛି। ପୀଠର ରକ୍ଷଣାବେକ୍ଷଣ ପାଇଁ ମାଣ୍ଡୁକା ଗ୍ରାମବାସୀଙ୍କ ଉଦ୍ୟମରେ କମିଟି ଗଠନ କରାଯାଇଛି।

ପୂର୍ବତନ ସରପଞ୍ଚ ତଥା ସଂଗ୍ରାମୀ ଦିବାକର ବିଶ୍ୱାଳ ଏହାର ସଭାପତି ରହିଛନ୍ତି। ପୀଠରେ ଶିବମନ୍ଦିର, ଯାତ୍ରୀନିବାସ, ଯଜ୍ଞକୁଣ୍ଡ, ଆଶ୍ରମ ଘର ଥିବା ବେଳେ ବିବାହ ମଣ୍ଡପ ପାଇଁ ଶିଳାନ୍ୟାସ କରାଯାଇଛି। ପୀଠର ଉନ୍ନତି ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଇଛି। ଏଠାରେ ଥିବା ୯ଟି ଝରଣାର ପାଣି ସ୍ଥାନୀୟ ଗ୍ରାମବାସୀଙ୍କ ୫୦୦ ଏକର ଚାଷ ଜମିକୁ ଜଳସେଚିତ କରାଯାଉଥିଲା। ମାତ୍ର ଦୁଃଖ ଓ ପରିତାପର ବିଷୟ ଏହି ପୀଠରୁ ମୋରମ ଓ ମେଟାଲ ଲୁଟ ହୋଇ ପୀଠର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଝରଣାମାନ ପୋତି ହୋଇପଡ଼ିଛି। ଫଳରେ ଚାଷ ଜମିଗୁଡ଼ିକ ପଡ଼ିଆ ପଡ଼ିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଦେବୋତ୍ତର ବିଭାଗର ମୌଜାକୁ ଚିହ୍ନଟ୍ କରି ତାରବାଡ଼ ବୁଲାଇବା ସହ ସମ୍ପୃକ୍ତ ଝରଣା ଗୁଡ଼ିକର ପୁନରୁଦ୍ଧାର ପାଇଁ ମାଣ୍ଡୁକା ଗ୍ରାମବାସୀ ଏବଂ ନାହାକାହାଣୀ ପୀଠ କମିଟି ସଭାପତି ବିଶ୍ୱାଳ ଦାବି କରିଛନ୍ତି।

# ବ୍ରାଉନସୁଗାର ଜବତ, ୨ କୋର୍ଟଚାଲାଣ

**ପାଣିକୋଇଲି,୧୮।୭(ଡି.ଏନ.ଏ.)**

ପାଣିକୋଇଲି ପୋଲିସ ଏକ ବାଇକ୍‌ରୁ ବ୍ରାଉନସୁଗାର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ହବିବନଗରର ଜିଲାନି ଖାଁ ଓ ମୁନି ବିବି। ଏସ୍‌ଆଇ ଚିନ୍ମୟୀ ବେହେରା ଶନିବାର ସଦଳବଳ ସଠିପୁରଠାରେ ଯାଞ୍ଚ ଚଳାଇଥିବାବେଳେ ବାଇକ୍‌ରେ ଆସୁଥିବା ଜିଲାନି ଓ ମୁନିଙ୍କୁ ଅଟକାଇଥିଲେ। ସେମାନଙ୍କ ବ୍ୟାଗରେ ଥିବା ଏକ


ଗିରଫ ୨ ଅଭିଯୁକ୍ତ।

ପ୍ଲାଷ୍ଟିକ ଜରି ପ୍ୟାକେଟକୁ ଦେଖି ସନ୍ଦେହ ହେବାରୁ ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ତାହା ବ୍ରାଉନ୍‌ସୁଗାର ବୋଲି ସେମାନେ ସ୍ୱୀକାର କରିବା ସହ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ଯାଜପୁରରୋଡ୍‌ରେ ବ୍ୟବସାୟ କରୁଥିବା ପୋଲିସକୁ କହିଥିଲେ। ମାଜିଷ୍ଟ୍ରେଟ ତଥା ତହସିଲଦାର ବିକ୍ରମ ମଲ୍ଲିକଙ୍କ ଉପସ୍ଥିତିରେ ଜବତ ବ୍ରାଉନସୁଗାରକୁ ଓଜନ କରାଯାଇଥିଲା। ତାହା ୫ଗ୍ରାମ ୬ଶହ ମିଲିଗ୍ରାମ ଥିବା ଜଣାପଡ଼ିଥିଲା। ଏନେଇ ଏକ ମାମଲା (ନଂ.୨୦୬/୨୧) ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

# ଧର୍ମଶାଳା ମିଡିଆ କ୍ଲବ୍‌ର ଶୁଭାରମ୍ଭ

**ଚଢ଼େଇଧରା/ ଜେନାପୁର, ୧୮।୭(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ଅଧୀନ ଗଡ଼ମଧୁପୁର ପଞ୍ଚାୟତର ସୁନାମୁଖୀ ଠାକୁରାଣୀଙ୍କ ପୀଠ ପରିସରରେ ରବିବାର ଧର୍ମଶାଳା ମିଡିଆ କ୍ଲବର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଚାରାରୋପଣ କରାଯାଇଛି। କ୍ଲବ୍ ସଭାପତି ବିମଳ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ, କବାଟବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନୀହାର ରଞ୍ଜନ କର, ପରିବେଶବିତ ଶ୍ରୀନିବାସ ଜେନା, ୧୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ଗଡ଼ମଧୁପୁର ବନପାଳ ମହମ୍ମଦ ସାକିର ହୁସେନ ପ୍ରମୁଖ ଯୋଗଦେଇ ମା’ଙ୍କ ପୀଠପରିସରରେ କୋଭିଡ ନିୟମ ପାଳନ କରି ବିଭିନ୍ନ କିସମର ଚାରାରୋପଣ କରିଥିଲେ। ପ୍ରାରମ୍ଭରେ ଅତିଥି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସମସ୍ତ ସଭ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ଶେଷରେ ଚିନ୍ମୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ। କ୍ଲବ ସମ୍ପାଦକ ଆନନ୍ଦ ମହାରଣା, ଉପସଭାପତି ବସନ୍ତ ନାୟକ, ସହସମ୍ପାଦକ ଶଶିକାନ୍ତ ରାଉତ, କୋଷାଧ୍ୟକ୍ଷ ସେକ୍ ଆଲାଉଦ୍ଦିନ, ଦୀପକ ଦାସ, ଅୟସକାନ୍ତ ରାଉତ, ସେକ୍ ଦିଲଦାର ଚାନ୍ଦ, ଅଶୋକ ଦାସ, ସୁଶାନ୍ତ ଗୋଛାୟତ ଓ ସୁଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଧର୍ମଶାଳା ମିଡିଆ କ୍ଲବର ସଦସ୍ୟମାନେ।

# ୩ ପିଲାଙ୍କୁ ଅନାଥ କଲା କାମଳ ରୋଗ

**ରସୁଲପୁର,୧୮।୭(ଡି.ଏନ.ଏ.)**

ରସୁଲପୁର ବ୍ଲକ ପହଙ୍ଗା ପଞ୍ଚାୟତରେ କାମଳ ରୋଗ ୨ ଜଣଙ୍କ ଜୀବନ ନେଇଛି। ଗୋଟିଏ ପରିବାରର ଦମ୍ପତି ଏହି ରୋଗରେ ଆରପାରିକୁ ଚାଲିଯାଇଛନ୍ତି। ୫ବର୍ଷ ପୂର୍ବେ ସ୍ତ୍ରୀ ସରାଗୀ ଦଳାଇ ଉକ୍ତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସ୍ୱାମୀ ଶରତ ୧୫ ଦିନ ତଳେ ଆରପାରିକୁ ଚାଲି ଯାଇଛନ୍ତି। ଫଳରେ ସେମାନଙ୍କ ପୁଅ ପୀତବାସ (୧୭), ଝିଅ ସୁପ୍ରିୟା (୧୪) ଓ ସୁଲଗ୍ନା (୧୩) ଅନାଥ ହୋଇପଡ଼ିଛନ୍ତି। ଏହି ଅନାଥ ପିଲାଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି। ଏକଥା ଜାଣିବା ପରେ ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ଉକ୍ତ ପିଲାଙ୍କୁ ୧୦ ହଜାର ଟଙ୍କା ଓ ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ଟ୍ରଷ୍ଟ ସମ୍ପାଦକ ହିମାଂଶୁ ଶେଖର ସାହୁ ପିଲାମାନଙ୍କୁ ଭେଟି ଉକ୍ତ ସହାୟତା ପ୍ରଦାନ କରିଛନ୍ତି।



୩ ଅନାଥ ପିଲା।

ଶରତ ଯାଜପୁର ରୋଡ୍ ରେଲୱେ ଷ୍ଟେଶନରେ କୁଲି କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଉକ୍ତ ପରିବାର ଭୂମିହୀନ ହୋଇଥିବାରୁ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିକ ଛଡ଼ା ଆଉ କିଛିନାହିଁ। ଶରତ ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। ସେଥିରୁ କିଛି ଅର୍ଥ ସଞ୍ଚୟ କରି ୩ ପିଲାଙ୍କୁ ପାଠ ପଢ଼ାଇବାରେ ଖର୍ଚ୍ଚ କରନ୍ତି। ପିଲାମାନେ ପାଠପଢ଼ି ରୋଜଗାରକ୍ଷମ ହେବେ ବୋଲି ଶରତଙ୍କ ଆଶାଥିଲା। ମାତ୍ର ସେ ଆଶା ଅଧୁରା ରହିଗଲା। ପୀତବାସ ଏବେ ଶଙ୍ଖଚିଲାସ୍ଥିତ

- ୫ ବର୍ଷ ତଳେ ମା’ ଚାଲିଯାଇଥିଲେ
- ୧୫ ଦିନ ତଳେ ଚାଲିଗଲେ ବାପା

ମା’ ହିଙ୍ଗୁଳା ଉଚ୍ଚ ମାଧ୍ୟମିକ କଲେଜରେ ଯୁକ୍ତ ୨ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସୁପ୍ରିୟା ଓ ସୁଲଗ୍ନା ରାଛିପୁର ପଞ୍ଚାୟତର ଯୁଝୁପଦା ହାଇସ୍କୁଲରେ ଦଶମ ଓ ନବମ ଶ୍ରେଣୀରେ ପଢୁଛନ୍ତି। ମା’ବାପା ଚାଲିଗଲା ପରେ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ପିଲାମାନେ ରୋଜଗାରକ୍ଷମ ନୁହନ୍ତି। ଏଭଳି ସ୍ଥିତିରେ ସେମାନେ କିପରି ଦୈନନ୍ଦିନ ଜୀବନ ନିର୍ବାହ କରିବେ ତା’ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଡିଓ ଉମାକାନ୍ତ ପରିଡ଼ା କହିଛନ୍ତି, ବ୍ଲକ ସମାଜ ମଙ୍ଗଳ ଅଧିକାରୀଙ୍କୁ ଏହି ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ତଦନ୍ତ ରିପୋର୍ଟ ଦେଲାପରେ ପିଲାମାନଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରାଯିବ।

## ସଂକ୍ଷେପରେ

### ବଣିନାଳୀ ସପ୍ତାହେ ଶଟ୍‌ଡାଉନ

**ବଇଣ୍ଡା,୧୮।୭(ଡି.ଏନ.ଏ):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ବଣିନାଳୀ ଗ୍ରାମରୁ ଶନିବାର ୧୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିବା ବେଳେ ପଞ୍ଚାୟତ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ସମସ୍ତ ସଂକ୍ରମିତ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଗୋଷ୍ଠୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଗ୍ରାମକୁ ରବିବାରଠାରୁ ଶନିବାର ପର୍ଯ୍ୟନ୍ତ ୭ ଦିନ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସରପଞ୍ଚ ଅମିୟ ପ୍ରଧାନ ଚିଠି ନଂ.୨୨ ତା ୧୮।୭।୨୦୨୧ ଜରିଆରେ ଆଠମଲ୍ଲିକ ଉପଜିଲାପାଳଙ୍କୁ ଅବଗତ କରିଛନ୍ତି। ଚିଠିର ଏକ ନକଲ ହଣ୍ଡପା ଆଇଆଇସି, କିଶୋରନଗର ତହସିଲଦାର, ବିଡିଓଙ୍କୁ ପ୍ରଦାନ କରାଯାଇଛି। ଗ୍ରାମବାସୀ ଘରେ ରହିବା ସହ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ସ୍ୱାବ୍ ଟେଷ୍ଟ କରିବା ପାଇଁ ନିବେଦନ କରାଯାଇଛି।

### ଖାଦ୍ୟ ସାମଗ୍ରୀ ବାଣ୍ଟୁଛନ୍ତି ସରପଞ୍ଚ



**ଅନୁଗୋଳ ଅଫିସ, ୧୮।୭:** ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଜାମୁନାଳି ସରପଞ୍ଚ ପ୍ରମିଳା ନାୟକ ଘର ଘର ବୁଲି ଅସହାୟ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରୁଛନ୍ତି। ପୂର୍ବରୁ ଏହି କାର୍ଯ୍ୟ ବେଳେ ସେ କରୋନାରେ ସଂକ୍ରମିତ ହୋଇଥିଲେ। ତେବେ ସୁସ୍ଥ ହେବା ପରେ ସେ ପୁଣି ଅସହାୟଙ୍କ ସେବାରେ ଲାଗିଛନ୍ତି। ସରପଞ୍ଚଙ୍କ ଏପରି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରୁଥିବା କଥା ଜଣାପଡ଼ିଛି। ଏ ନେଇ ସରପଞ୍ଚ ନାୟକ କହିଛନ୍ତି, ସଂକ୍ରମଣ ସମୟରେ ଲୋକେ କିପରି ସମସ୍ୟାରେ ପଡ଼ନ୍ତି, ତାହା ଜାଣିପାରିଛି। ତେଣୁ ସୁସ୍ଥ ହେବା ପରେ ଖାଦ୍ୟାଭାବର ଶିକାର ହେଉଥିବା ଲୋକଙ୍କ ସେବାରେ ଲାଗିଥିବା ସରପଞ୍ଚ ପ୍ରକାଶ କରିଛନ୍ତି।

### ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୮।୭(ଡି.ଏନ.ଏ):** କିଶୋରନଗର ଥାନା ଦୋହଲି ଗ୍ରାମର ବସନା ବେହେରାଙ୍କୁ ସେହି ଗ୍ରାମର ମଞ୍ଜୁଳା ବେହେରା, କର୍ଣ୍ଣ ବେହେରା, ସୁଦେଶା ବେହେରା, ନର୍ମଦା ବେହେରା ଠେଙ୍ଗାରେ ଆକ୍ରମଣ କରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୦୮/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଗ୍ରାମରେ ଥିବା ଏକ ଖୋଲା କୂଅରୁ ସମସ୍ତେ ପାଣି ଆଣୁଥିବାବେଳେ ମଞ୍ଜୁଳା ଉକ୍ତ ଖୋଲା କୂଅକୁ ଯାଇଥିବା ରାସ୍ତାରେ ବାଡ ଦେଇଥିଲେ। ବସନା ଏହି ବାଡ଼ ଖୋଲିବାରୁ ମଞ୍ଜୁଳା ଉତ୍‌କ୍ଷିପ୍ତ ହୋଇ ସହଯୋଗୀ କର୍ଣ୍ଣ, ସୁଦେଶା, ନର୍ମଦାଙ୍କ ସହ ମିଶି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଅସହାୟ ପରିବାରକୁ ରାଶନ

**ଅନୁଗୋଳ ଅଫିସ, ୧୮।୭:** ଅନୁଗୋଳର ଶ୍ରୀ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଖାଦ୍ୟାଭାବରେ ରହୁଥିବା ପରିବାରକୁ ରାଶନ ସାମଗ୍ରୀ ବଣ୍ଟନ କରାଯାଉଛି। ଅନୁଗୋଳ ପୌରାଞ୍ଚଳ ୩ନଂ ୱାର୍ଡ ହେମସୁରପଡା ନାଖରା ସାହିଠାରେ ଥିବା ଅସହାୟ ପରିବାରକୁ ଏକ ସପ୍ତାହ ଚଳିବା ପାଇଁ ରାଶନ ସାମଗ୍ରୀ ଦିଆଯାଇଛି। ଓକିଲ ସଂଘ ସମ୍ପାଦକ ସୋମନାଥ ରାଉତଙ୍କ ପରିଚାଳନାରେ ଟ୍ରଷ୍ଟ ସଭାପତି ପଣ୍ଡିତ ମହେଶ ସାହୁ, ସାମାଜିକକର୍ମୀ ପର୍ଶୁରାମ ଦାଶ, ଦାମୋଦର ପ୍ରଧାନ, ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ରାଶନ ସାମଗ୍ରୀ ବଣ୍ଟନ କରିଥିଲେ।

### ବଜ୍ରପାତରେ ଗାଈ ମୃତ

**କଣିହାଁ,୧୮।୭(ଡି.ଏନ.ଏ):** କଣିହାଁ ବ୍ଲକ ତାଳପଦା ପଞ୍ଚାୟତ ଦୁର୍ଗାପୁର ଗ୍ରାମରେ ରବିବାର ଅପରାହ୍ନରେ ବଜ୍ରପାତ ଘଟି ଏକ ଗାଈର ମୃତ୍ୟୁ ହୋଇଛି। ସମ୍ପୃକ୍ତ ଚାଷୀଙ୍କ କ୍ଷୟକ୍ଷତି ଭରଣା ନିମନ୍ତେ କଣିହାଁ ତହସିଲଦାରଙ୍କୁ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ତହସିଲଦାରଙ୍କ ମତାମତ ମିଳି ପାରିନାହିଁ।

# ବିଳମ୍ବିତ ହେଉଛି ବିକାଶ



ବଇଣ୍ଡାସ୍ଥିତ ନେହେରୁ ଆଥ୍‌ଲେଟିକ ଆସୋସିଏଶନ ଗୃହରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଖୋଲାଯାଇଛି।

**ପରିକ୍ଷିତ ସାହୁ**
**ବଇଣ୍ଡା,୧୮।୭**

- ଭଙ୍ଗା ଯିବାର ୩ ବର୍ଷ ପରେ ମଧ ନିର୍ମାଣ ହେଉନି
- ବହୁ ସରକାରୀ କାର୍ଯ୍ୟାଳୟ ଚାଲିଛି ଭଡ଼ା ଘରେ
- ବଇଣ୍ଡା ଅଞ୍ଚଳରେ ବଢୁଛି ଜନ ଅସନ୍ତୋଷ

ବିକାଶର ମାର୍ଗ ବା ରାଜପଥ ପ୍ରଶସ୍ତ ହେବ। ସେଥିପାଇଁ ୩ ବର୍ଷ ତଳୁ କ୍ଷେତ୍ର ପ୍ରସ୍ତୁତ କରାଗଲା। ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ବଜାରର ବହୁ ବ୍ୟବସାୟିକ ପ୍ରତିଷ୍ଠାନ ଉଚ୍ଛେଦ ହେଲା। ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ଚିକିତ୍ସାଳୟ, ବିଶ୍ରାମାଗାରକୁ ଭାଙ୍ଗି ମାଟିରେ ମିଶାଇ ଦିଆଗଲା। ହେଲେ ଏଯାଏ ବିକାଶର ଚିହ୍ନବର୍ଣ୍ଣ ନାହିଁ। ଏଠାରେ ରାଜପଥ ସମ୍ପ୍ରସାରଣ ଶେଷ ତ ଦୂରର କଥା, ଓଭରବ୍ରିଜ୍ ଏଯାଏ ହୋଇପାରି ନାହିଁ। ଭଙ୍ଗା ଯାଇଥିବା ସରକାରୀ କାର୍ଯ୍ୟାଳୟ ଅନ୍ୟତ୍ର ନିର୍ମାଣ କରାଯାଇ ନାହିଁ। ଠିକା ସଂସ୍ଥା ଓ ପ୍ରଶାସନ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ବଇଣ୍ଡାର ବିକାଶ ବିଳମ୍ବିତ ହୋଇ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି।

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ନିମନ୍ତେ କିଶୋରନଗର ବ୍ଲକ ଜାମୁନାଳୀ ଠାରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ ଉଚ୍ଛେଦ କାର୍ଯ୍ୟ କରାଯାଇଛି। ୨୦୧୮ ମେ ୧୭ ତାରିଖରୁ ବଇଣ୍ଡାଠାରେ ସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନ ଭଙ୍ଗା ଆରମ୍ଭ ହୋଇଥିଲା। ବଇଣ୍ଡାରେ ଥିବା ରାଜସ୍ୱ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ପୂର୍ତ୍ତ ବିଭାଗ ବଙ୍ଗଳା, କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ, ନୁନୁକାପଶି ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ବଇଣ୍ଡା ଫାଣ୍ଡି, ଜନତା ମହାବିଦ୍ୟାଳୟ, ବଇଣ୍ଡା ଛକ ଯାତ୍ରୀ ବିଶ୍ରାମାଗାର, ବଇଣ୍ଡା କଲେଜ ବିଶ୍ରାମାଗାର, ଲୁହାମୁଣ୍ଡା ବିଶ୍ରାମାଗାର, ଡେବେରାପାଲି ଗ୍ରାମ ଯାତ୍ରୀ ବିଶ୍ରାମାଗାର, ହଣ୍ଡପା ଥାନାର ଫୋର୍ସ ରହଣି ଗୃହ, ହଣ୍ଡପା ଯାତ୍ରୀ ବିଶ୍ରାମାଗାର, ବଇଣିଶା ଗ୍ରାମ ଯାତ୍ରୀ ବିଶ୍ରାମାଗାର, ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ, ପାଗବନ୍ଧା ପ୍ରାଥମିକ ବିଦ୍ୟାଳୟ ପାଚେରି, ନାକିଚି ଯାତ୍ରୀ ବିଶ୍ରାମାଗାର, ଫୁଲାମ୍ବା ଯାତ୍ରୀ ବିଶ୍ରାମାଗାର, ସରିଗିପାଲି ଯାତ୍ରୀ ବିଶ୍ରାମାଗାର, ଆମ୍ବପାଳ ଠାରେ ଥିବା ଯାତ୍ରୀ ବିଶ୍ରାମାଗାର, ବାମୁରଠାରେ ଥିବା ଯାତ୍ରୀ ବିଶ୍ରାମାଗାର, ବାମୁର କ୍ଷୁଦ୍ରଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାମୁନାଳି ସ୍ଥିତ ଯାତ୍ରୀ ବିଶ୍ରାମାଗାର ଭାଙ୍ଗିଦିଆଯାଇଛି। ଏଥିରୁ କେତୋଟି କାର୍ଯ୍ୟାଳୟ ଭଡା ଘରେ ଚାଲିଥିବାବେଳେ ଆଉ କେତୋଟି ଅନ୍ୟ କାର୍ଯ୍ୟାଳୟରେ ମିଶାଇ ଦିଆଯାଇଛି। ଜମି ଅଭାବରୁ ଏସବୁ ସରକାରୀ କାର୍ଯ୍ୟାଳୟ ନୂତନ ଭାବେ ନିର୍ମାଣ କରାଯାଉ ନାହିଁ। ବଇଣ୍ଡା ପ୍ରାଣୀ ଚିକିତ୍ସାଳୟ ନିର୍ମାଣ କରାଯାଇ ନ ଥିବାରୁ ୪ଟି ପଞ୍ଚାୟତର ଚାଷୀ ପ୍ରାଣୀଧନଙ୍କୁ ନେଇ ୭ କିଲୋମିଟର ଦୂର ହଣ୍ଡପା ଯାଉଛନ୍ତି। ପୂର୍ତ୍ତ ବିଭାଗ ବଙ୍ଗଳା ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଥିଲେ ମଧ ନିର୍ମାଣରେ ବିଳମ୍ବ ହେଉଛି। ଫାଣ୍ଡି ସ୍ଥାପନ କରିବାକୁ ଜମି ଥିବା ନେଇ ବଇଣ୍ଡା ଗ୍ରାମବାସୀ ଆଠମଲ୍ଲିକ ବିଧାୟକଙ୍କୁ ଗତ ଜାନୁୟାରୀ ୧୫ ତାରିଖରୁ ଲିଖିତ ଭାବେ ଅବଗତ କରିଛନ୍ତି। ତଥାପି ପଦକ୍ଷେପ ନିଆଯାଉ ନାହିଁ। ଅନେକ ବିଶ୍ରାମାଗାର ସହ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ ଦାୟିତ୍ୱ ଠିକାସଂସ୍ଥା ନେଇଥିବା ବେଳେ ମାତ୍ର ୨ଟି ବିଦ୍ୟାଳୟ ନିର୍ମାଣ କରୁଛି। ବଇଣ୍ଡା, ବାମୁର ଠାରେ ଫ୍ଲାଏ ଓଭର ବ୍ରିଜ୍ ବିଳମ୍ବ ହେଉଛି। ଉଚ୍ଛେଦର ୩ ବର୍ଷ ପରେ ବି ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେଉ ନ ଥିବାରୁ ବ୍ୟବସାୟୀମାନେ ଥଇଥାନ ହୋଇପାରୁନାହାନ୍ତି। ଏହାକୁ ନେଇ ବଇଣ୍ଡାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

#### ଠିକା ସଂସ୍ଥାର ଅବହେଳା



ବାମୁରଠାରେ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହେଉନାହିଁ। ଫ୍ଲାଏ ଓଭର ବ୍ରିଜ୍ କାମ ଅଧାରେ ରହିଛି। ଏଥିଯୋଗୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକାସଂସ୍ଥା ଠିକ୍ ସମୟରେ କାର୍ଯ୍ୟକରୁ ନ ଥିବାରୁ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହେଉଛି।

-ସଞ୍ଜୀବ ପ୍ରଧାନ, ବାମୁର

#### ଦାବିକୁ ଗୁରୁତ୍ୱ ଦିଆଯାଉନି



ବଇଣ୍ଡାଠାରେ ଥିବା ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ହେଇପାରୁନାହିଁ। ଜମି ଯୋଗାଇବାରେ ବିଭାଗୀୟ କର୍ତ୍ତୃପକ୍ଷ ବିଳମ୍ବ କରୁଛନ୍ତି। ଭଙ୍ଗା ଯାଇଥିବା ସରକାରୀ କାର୍ଯ୍ୟାଳୟଗୁଡିକ ନୂତନ ଭାବେ ନିର୍ମାଣ ନିମନ୍ତେ ବହୁବାର ଦାବିପତ୍ର ଦିଆଯାଇଥିଲେ ମଧ ସୁଫଳ ମିଳୁନାହିଁ।

-ଅଜିତ ପଟ୍ଟନାୟକ, କଦଳୀମୁଣ୍ଡା

#### ଗାତ ଖୋଳି ଛାଡ଼ିଦିଆଯାଇଛି



ବଇଣ୍ଡାରେ ଥିବା ବଙ୍ଗଳା, ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ହେଉନାହିଁ। ଫ୍ଲାଏ ଓଭର ବ୍ରିଜ୍ କାର୍ଯ୍ୟ ଗାତ ଖୋଳାରେ ସୀମିତ ରହିଛି। ଡ୍ରେନ୍ ନିର୍ମାଣ ଦିଗରେ ଦୃଷ୍ଟି ଦିଆଯାଉ ନାହିଁ। ବର୍ଷା ସମୟରେ ସ୍ଥାନୀୟ ଲୋକଙ୍କ ଘରେ ପାଣି ପଶୁଥିବାରୁ ସେମାନେ ହଇରାଣ ହେଉଛନ୍ତି।

-ଉଗ୍ରସେନ ସେଠୀ, ବଇଣ୍ଡା

#### ପ୍ରଶାସନ ଉଦ୍ୟମ କରୁଛି



ବଇଣ୍ଡା ଠାରେ ବଙ୍ଗଳା, ବିଦ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଛି। ବିଭାଗୀୟ ଅଧିକାରୀଙ୍କୁ ଏ ନେଇ ଅବଗତ କରାଯାଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟ କିଭଳି ଶୀଘ୍ର ନିର୍ମାଣ ହେବ ସେ ନେଇ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିସହ ସବୁ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଜମି ଶୀଘ୍ର ଯୋଗାଇ ଦିଆଯିବ।

-ଶାନ୍ତି ସ୍ୱରୂପ ମିଶ୍ର, ତହସିଲଦାର

#### କରୋନା, ଶ୍ରମିକ ଅଭାବ ବାଧକ



ବିଭିନ୍ନ କାର୍ଯ୍ୟାଳୟ ନିର୍ମାଣରେ କରୋନା ସହ ଶ୍ରମିକ ଅଭାବ ବାଧକ ସାଜିଛି। ସେଥିପାଇଁ ଏଥିରେ ବିଳମ୍ବ ହୋଇଚାଲିଛି। ପ୍ରଶାସନ କିଛି ଜମି ଚିହ୍ନଟ କରିଛନ୍ତି। ଶୀଘ୍ର ସରକାରୀ କାର୍ଯ୍ୟାଳୟ ସହ ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ବଇଣ୍ଡାରେ ସମସ୍ତ କାର୍ଯ୍ୟ ଶୀଘ୍ର କରିବା ପାଇଁ ଉଦ୍ୟମ ଚାଲିଛି।

-ଗେଲିଡେବେରା ପଦ୍ମନାଭମ, ଠିକାସଂସ୍ଥା ପରିଚାଳକ

## ୨୦ ଦିନ ହେଲା ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

**ଖମାର,୧୮।୭(ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ଖମାର ଥାନା ଆଲୋରି ପଞ୍ଚାୟତ ଜାମୁଆ ଗ୍ରାମରେ ଗତ ୨୯ ତାରିଖରେ ହୋଇଥିବା ଗୁଳିକାଣ୍ଡ ଘଟଣାର ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ। ୨୦ ଦିନ ବିତିଯାଇଥିଲେ ମଧ ପୋଲିସର ଏହି ବିଫଳତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ଅନୁଯାୟୀ, ଗତ ୨୮ ତାରିଖରେ ଗ୍ରାମର ବଣ୍ଟୁ କିଷାନ ପ୍ରଚୁର ମଦ୍ୟପାନ କରି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ପୋଖରୀ ତୁଠରେ କେତେଜଣ ମହିଳା ଉପସ୍ଥିତ ଥିଲେ। ବଣ୍ଟୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ସେଠାରେ ଥିବା ଋଷି ମହାକୁଳ ବିରୋଧ କରିବାରୁ ବଣ୍ଟୁଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଘଟଣା ପରଦିନ ସକାଳେ ଋଷି ମହାକୁଳ ସଅଁରପଡ଼ା ପୋଲ ନିକଟକୁ ଶୌଚ ହେବାକୁ ଯାଇଥିବା ବେଳେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ବଣ୍ଟୁ କିଷାନ ଏହି ଗୁଳି ଫୁଟାଇଥିଲେ ହେଁ ଏହା ଋଷିଙ୍କ ପିଠିରେ ଘଷି ହୋଇଚାଲିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଋଷିଙ୍କୁ ୧୦୮ ଆମ୍ବୁଲାନ୍ସରେ ନିଆଯାଇ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ଋଷି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୧୨୨/୨୦୨୧ରେ ମାମଲା ରୁଜୁ କରାଯାଇଥିଲେ ମଧ ଏଯାଏ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଏ ସମ୍ପର୍କରେ ପାଲଲହଡ଼ା ଏସ୍‌ଡିପିଓ ସୁମନ ରଞ୍ଜିତା ସିଂ କହିଛନ୍ତି, ଗ୍ରାମବାସୀଙ୍କ ସହିତ ଯୋଗାଯୋଗରେ ଅଛୁ। ଅଭିଯୁକ୍ତଙ୍କୁ ଧରିବାକୁ ସବୁ ପ୍ରକାର ଚେଷ୍ଟା କରାଯାଉଛି। ଖୁବଶୀଘ୍ର ଏଥିରେ ସଫଳତା ମିଳିବ ବୋଲି ଏସ୍‌ଡିପିଓ ପ୍ରକାଶ କରିଛନ୍ତି।

## ଆଜି କ୍ରିକେଟ ଏକାଡେମୀ ଭିତ୍ତିପ୍ରସ୍ତର

**ଅନୁଗୋଳ ଅଫିସ, ୧୮।୭**

ଅନୁଗୋଳର ଐତିହାସିକ କଦମ ପଡ଼ିଆରେ ସୋମବାର ଜାତୀୟସ୍ତରୀୟ କ୍ରିକେଟ ଏକାଡେମୀର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏ ନେଇ ପୂର୍ବରୁ ଓଡ଼ିଶା କ୍ରିକେଟ ଆସୋସିଏଶନ୍(ଓସିଏ)ର ଟେକ୍ନିକାଲ କମିଟି କର୍ମକର୍ତ୍ତାମାନେ ଭିତ୍ତିଭୂମି ଅନୁଧ୍ୟାନ କରିସାରିଛନ୍ତି। କଦମ ପଡ଼ିଆରୁ ଘାସ କଟା କାର୍ଯ୍ୟ ସରିଛି। ପିଚ୍ ପାଇଁ ଚିହ୍ନ ପ୍ରଦାନ କରାଯାଇଛି। ନୂଆ ପିଚ୍ ପ୍ରସ୍ତୁତ କରାଯିବା ସହ ଏଠାରେ ପିଲାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଓସିଏ ପକ୍ଷରୁ ୩ ଜଣ ପ୍ରଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। କଦମ ପଡ଼ିଆରେ ଭିତ୍ତିଭୂମି ବିକଶିତ ହେବା ପରେ ଜିଲାର ଉଦୀୟମାନ କ୍ରିକେଟ ଖେଳାଳିଙ୍କୁ ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିପାଇଁ ସମସ୍ତ ସହଯୋଗ ଓ ଆବଶ୍ୟକ ସରଞ୍ଜାମ ଓସିଏ ପକ୍ଷରୁ ଯୋଗାଇ ଦିଆଯିବ। ପାଲଲହଡ଼ା, ଆଠମଲ୍ଲିକ ଓ କଣିହାଁ ଆଦି ଅଞ୍ଚଳର କ୍ରିକେଟ୍ ପ୍ରତିଭାମାନେ ଏଠାରେ ରହି ପ୍ରଶିକ୍ଷଣ ନେବାର ବ୍ୟବସ୍ଥା ହେବ। ଏହାକୁ ନେଇ ଅନୁଗୋଳର କ୍ରିକେଟ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଏକାଡେମୀ ହେଲେ ଜିଲାରୁ ବହୁ ପ୍ରତିଭା ବାହାରିବେ ବୋଲି ପୂର୍ବତନ କ୍ରୀଡାପ୍ରେମୀମାନେ କହିଛନ୍ତି। ଅପରାହ୍ନ ୩ଟାରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।




## ୮୯ ପଜିଟିଭ୍ ଚିହ୍ନଟ, ୭୬ ସୁସ୍ଥ

**ଅନୁଗୋଳ ଅଫିସ, ୧୮।୭**

ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ଲଗାତର ଭାବେ ଶହେ ତଳେ ରହୁଛି। ରବିବାର ଜିଲାରୁ ୮୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୨ ହଜାର ୧୪୮ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ କିଶୋରନଗର ବ୍ଲକରୁ ୧୫ ଜଣ, ବଅଁରପାଳ ବ୍ଲକରୁ ୧୪, ଛେଣ୍ଡିପଦା ବ୍ଲକରୁ ୧୧, ତାଳଚେର ବ୍ଲକରୁ ୧୦, ଅନୁଗୋଳ ପୌରାଞ୍ଚଳରୁ ୯, ଆଠମଲ୍ଲିକ ବ୍ଲକରୁ ୮, କଣିହାଁ ବ୍ଲକରୁ ୮, ଅନୁଗୋଳ ବ୍ଲକରୁ ୭, ତାଳଚେର ପୌରାଞ୍ଚଳରୁ ୫ ଓ ପାଲଲହଡ଼ା ବ୍ଲକରୁ ୨ ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୭୬ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅପରପକ୍ଷରେ ଜିଲାରେ ଟିକାକରଣ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଜିଲାର ୩ ଲକ୍ଷ ୪୩ ହଜାର ୧୧୮ ଜଣଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଇ ସାରିଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।



ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ତିନି ଠାକୁରଙ୍କ କୃଷ୍ଣ ବଳରାମ ବେଶ।

## ଗ୍ୟାସ୍ ରିଫିଲିଙ୍ଗ ବେଳେ ଅଗ୍ନିକାଣ୍ଡ

**ଅନୁଗୋଳ ଅଫିସ, ୧୮।୭**

ଅନୁଗୋଳ ସହର କାଲଟାକ୍ସ ଛକ ନିକଟରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଗ୍ୟାସ୍ ରିଫିଲିଙ୍ଗ ବେଳେ ନିଆଁ ଲାଗି ଏକ ଦୋକାନ ଘର ସମ୍ପୂର୍ଣ୍ଣ ଜଳି ଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, କାଲଟାକ୍ସ ଛକରେ ଥିବା ଏକ ଗ୍ୟାସ୍ ରିପେୟାରିଂ ଓ ରିଫିଲିଙ୍ଗ ଦୋକାନରେ ଛୋଟ ଟାଙ୍କିରେ ଗ୍ୟାସ ଭର୍ତ୍ତି କରାଯାଉଥିଲା। ହେଲେ ଅସାବଧାନତା ଯୋଗୁ ସେଥିରେ ହଠାତ ନିଆଁ ଲାଗି ଯାଇଥିଲା। ଟାଙ୍କି ଜଳିବା ସହ ନିଆଁ ସମ୍ପୂର୍ଣ୍ଣ ଦୋକାନକୁ ବ୍ୟାପି ଯାଇଥିଲା। ଫଳରେ ଦୋକାନୀ ଜଣକ ତାହାକୁ ଆୟତ୍ତ କରିପାରି ନ ଥିଲେ। ଖବରପାଇ ଅନୁଗୋଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ ହେଁ ଦୋକାନର ସମସ୍ତ ସାମଗ୍ରୀ ଜଳିଯାଇଥିବା ସୂଚନା ମିଳିଛି।

## ବୋଲେରୋ ନିଓ ବଜାର ପ୍ରବେଶ

**ଅନୁଗୋଳ ଅଫିସ, ୧୮।୭**

ଅନୁଗୋଳ ପଞ୍ଚମହଲାସ୍ଥିତ ସିଦ୍ଧି ଲକ୍ଷ୍ମୀ ମୋଟର୍ସରେ ମହିନ୍ଦ୍ରା ଏବଂ ମହିନ୍ଦ୍ରା ଲିମିଟେଡର 'ବୋଲେରୋ ନିଓ'ର ବଜାର ପ୍ରବେଶ କରାଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଅରବିନ୍ଦ ତ୍ରିପାଠୀ, ସିଦ୍ଧି ଲକ୍ଷ୍ମୀ ମୋଟର୍ସର ଏମ.ଡି. ସୁଜିତ୍ ଅଗ୍ରୱାଲା ଏବଂ ରାଜ କୁମାର ଅଗ୍ରୱାଲା, କେ. ଅଗ୍ରୱାଲା, ମହିନ୍ଦ୍ରା ଏବଂ ମହିନ୍ଦ୍ରାର ସୌମ୍ୟଜିତ ମଣ୍ଡଳଙ୍କ ଉପସ୍ଥିତିରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ମହିନ୍ଦ୍ରା ଫାଇନାନ୍ସ, ଚୋଲା ମଣ୍ଡଳମ୍ ଫାଇନାନ୍ସ ଭଳି ବହୁ ଫାଇନାନ୍ସ ସଂସ୍ଥା ପ୍ରତିନିଧି ଉପସ୍ଥିତ ଥିଲେ। ଏହି ୭ ସିଟ୍ ବିଶିଷ୍ଟ ବୋଲେରୋ ନିଓର ଏକ୍ସ-ଶୋ'ରୁମ୍ ମୂଲ୍ୟ ୮.୪୮ ଲକ୍ଷ ଟଙ୍କା ରହିଛି। ନୂଆ ପିଢ଼ିର ଗ୍ରାହକମାନଙ୍କୁ ନଜରରେ ରଖି କମ୍ପାନୀ ଏହାକୁ ବିକଶିତ କରିଥିବା ଶୋ'ରୁମ୍ ପକ୍ଷରୁ କୁହାଯାଇଛି।



ବୋଲେରୋ ନିଓର ଅନୁଗୋଳ ବଜାର ପ୍ରବେଶ କରାଯାଉଛି।

## ଉଠା ବ୍ୟବସାୟୀଙ୍କ ପାଇଁ ଭେଣ୍ଡିଂ ଜୋନ୍

**ଅନୁଗୋଳ ଅଫିସ, ୧୮।୭**




- ୧୩ ସ୍ଥାନରେ ହେବ ୨ଶହରୁ ଊର୍ଦ୍ଧ୍ୱ ଘର
- ଅକ୍ଟୋବର ସୁଦ୍ଧା ବ୍ୟବସାୟୀଙ୍କୁ ପ୍ରଦାନ କରାଯିବ
- ସାଧାରଣଙ୍କ ବ୍ୟବହାର ନିମନ୍ତେ ରହିବ ଶୌଚାଳୟ

ଅନୁଗୋଳ ପୌରପାଳିକା ପକ୍ଷରୁ ଉଠା ବ୍ୟବସାୟୀଙ୍କ ପାଇଁ ଭେଣ୍ଡିଂ ଜୋନ୍ ବ୍ୟବସ୍ଥା କରାଯିବ। ଏ ନେଇ ସ୍ଥାନ ଚିହ୍ନଟ ସରିଛି। ବର୍ତ୍ତମାନ ସୁଦ୍ଧା ୧୩ଟି ସ୍ଥାନରେ ଭେଣ୍ଡିଂ ଜୋନ୍ ନିର୍ମାଣ କରିବା ନିମନ୍ତେ ପୌରପାଳିକା ପକ୍ଷରୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଏଠାରେ ୨ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ବୋଲି ପୌର କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଛନ୍ତି। ଆସନ୍ତା ଅକ୍ଟୋବର ସୁଦ୍ଧା ଦୋକାନ ଘର ବ୍ୟବସାୟୀଙ୍କୁ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଥିବା ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି।

ଅନୁଗୋଳ ରାସ୍ତା ପାର୍ଶ୍ୱରେ ବସୁଥିବା ବ୍ୟବସାୟୀମାନଙ୍କୁ ଆଉ କେହି ଉଚ୍ଛେଦ ଭୟ ଦେଖାଇ ପାରିବେ ନାହିଁ। ସେମାନଙ୍କ ନିମନ୍ତେ ଅତ୍ୟାଧୁନିକ ଶୈଳୀରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯିବ। ଏ ନେଇ ସହରରେ ୩ଟି ସ୍ଥାନ ଚିହ୍ନଟ ସରିଛି। ଡିଜାଇନ୍ ପ୍ରକ୍ରିୟା ଜାରି ରହିଛି। ଏହା ସରିବା ପରେ ବ୍ୟୟବରାଦ ଧାର୍ଯ୍ୟ କରାଯିବ। ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହି ଭେଣ୍ଡିଂ ଜୋନ୍‌ରେ ଗ୍ରାହକଙ୍କ ବସିବା ପାଇଁ ଚୌକି ସହ ଶୌଚାଳୟ ସୁବିଧା ରହିବ। ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଗୃହ ନିର୍ମାଣ ହେବାକୁ ଥିବାବେଳେ ଆରତି କେୟାର ପାର୍ଶ୍ୱ, ଜଗଦେବ ମାର୍କେଟ କମ୍ପ୍ଲେକ୍ସ ପାର୍ଶ୍ୱ, ଆଖଣ୍ଡଳମଣି ମନ୍ଦିର ପାର୍ଶ୍ୱ, ଅଗ୍ନିଶମ କାର୍ଯ୍ୟାଳୟ ପାର୍ଶ୍ୱ ରୋଡ୍, କମଲେସ୍ ହୋଟେଲ ସମ୍ମୁଖ, ଏନ୍‌ଏଚ୍ କଲୋନୀ ସମ୍ମୁଖ, କଲେଜ ଛକ ମାର୍କେଟ କମ୍ପ୍ଲେକ୍ସ ଛକରୁ ହାପି ବନ୍ଧ ରାସ୍ତା, ଉଠା ଜଳସେଚନ ଅଫିସ ସମ୍ମୁଖ ଓ ପଛ ପାର୍ଶ୍ୱ, ମିଶ୍ରପଡ଼ା ଛକରୁ ବିଇଡି ଛକ, ହେମସୁରପଡ଼ା ଏମ୍‌ସିସି ସମ୍ମୁଖ ଓ ହାତୀଶାଳପଡ଼ା ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଏହି ଭେଣ୍ଡିଂ ଜୋନ୍ ନିର୍ମାଣ ହେବ। କାର୍ଯ୍ୟ ଆରମ୍ଭ ହେବାର ଦୁଇ ମାସ ମଧ୍ୟରେ ନିର୍ମାଣ ଶେଷ କରାଯାଇ ଆସନ୍ତା ଅକ୍ଟୋବର ସୁଦ୍ଧା ଏହା ବ୍ୟବସାୟୀଙ୍କୁ ହସ୍ତାନ୍ତର କରାଯିବ ବୋଲି ପୌରନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

## ସର୍ବଭାରତୀୟ କନ୍‌ଭେନ୍‌ଶନ

**ଅନୁଗୋଳ ଅଫିସ, ୧୮।୭**

ଦେଶରେ ବେକାରି ସମସ୍ୟା ବିରୋଧରେ ଅଲ୍ ଇଣ୍ଡିଆ ଡିୱାଇଓ ପକ୍ଷରୁ ସର୍ବଭାରତୀୟ କନ୍‌ଭେନ୍‌ଶନ୍ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ସାଧାରଣ ସମ୍ପାଦିକା ପ୍ରତିଭା ନାୟକଙ୍କ ପରିଚାଳନାରେ ଅବସରପ୍ରାପ୍ତ ଆଡଭୋକେଟ୍ ଜେନେରାଲ୍ ଆନନ୍ଦ ମୋହନ ମାଥୁର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ରାଜ୍ୟରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଆଗାମୀ ଦିନରେ ବେକାରି ସମସ୍ୟା ବିରୋଧରେ ଲଢ଼େଇ ପାଇଁ ଯୁବ ସଂଗ୍ରାମ କମିଟି ଗଠନ କରାଯାଇଥିଲା। ଆସନ୍ତା ୯ ଅଗଷ୍ଟକୁ ସର୍ବଭାରତୀୟ ଦାବି ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ସଙ୍ଗଠନ ସଭାପତି ରାମାଜାନାପା ଅଲଦଲ୍ଲୀ, ରାଜ୍ୟ ସଭାପତି ବିଜୟାନନ୍ଦ ମଲ୍ଲିକ, ସମ୍ପାଦକ କେଦାରନାଥ ସାହୁ, ଉପସଭାପତି ମାନସ ପାଲଙ୍କ ସମେତ ଜିଲା ସଭାପତି ବିଷ୍ଣୁ ସାହୁ, ସମ୍ପାଦକ କୈଳାସ ସାହୁ, ଜ୍ୟୋତ୍ସ୍ନା ସାମଲ, ନିରଞ୍ଜନ ନାୟକ, ଦୁଃଖବନ୍ଧୁ ବେହେରା ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ୫୪ ଆକ୍ରାନ୍ତ, ୭୧ ସୁସ୍ଥ

**ଢେଙ୍କାନାଳ ଅଫିସ, ୧୮।୭:** ଢେଙ୍କାନାଳ ଜିଲାରୁ ଗତ ୨୪ ଘଣ୍ଟା ମଧ୍ୟରେ ୫୪ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୭୧ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକର ୧୫, ଢେଙ୍କାନାଳ ପୌରାଞ୍ଚଳର ୧୦, ଓଡ଼ାପଡ଼ା ବ୍ଲକର ୮, ସଦର ବ୍ଲକର ୪, କାମାକ୍ଷାନଗର ଏନ୍ଏସିର ୪, ଭୁବନ ବ୍ଲକର ୩, ପରଜଙ୍ଗ ବ୍ଲକର ୨,



ଗଁଦିଆ ବ୍ଲକର ୧, କାମାକ୍ଷାନଗର ବ୍ଲକର ୧ ଏବଂ ବିଭିନ୍ନ ଚିକିତ୍ସାଳୟରୁ ୬ ଜଣ ରହିଛନ୍ତି। ଜିଲାରେ ଅଦ୍ୟାବଧି ୩ ଲକ୍ଷ ୬୭ ହଜାର ୧୨୦ ଟେଷ୍ଟିଂ କରାଗଲାଣି। ମୋଟ ୧୮ ହଜାର ୫୦୦ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୭ହଜାର ୭୬୪ ଜଣ ସୁସ୍ଥ ହୋଇ ସାରିଲେଣି। ୧୦୧ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ୬୩୫ ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମୃତ୍ୟୁ ସଂଖ୍ୟା ସ୍ଥିର ରହିଥିବାରୁ ଏହା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଛି। ଜିଲାବାସୀ ସଚେତନ ରହିଲେ ଜିଲାକୁ କରୋନା ମୁକ୍ତ କରିବା ସହଜ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ସାନିଟାଇଜ୍ ହେଲା ତାଳଚେର ଉପଖଣ୍ଡ ଡାକ୍ତରଖାନା

**ତାଳଚେର, ୧୮।୭(ନି.ପ୍ର.):** ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ବୃଦ୍ଧିକୁ ରୋକିବା ପ୍ରୟାସ ନେଇ ଆଗେଇ ଆସିଛନ୍ତି ତାଳଚେର ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ବିଭୂତି ସାହୁ ବିଭୂତି ଓ ତାଙ୍କ ସହଯୋଗୀମାନେ ଉପଖଣ୍ଡ ଡାକ୍ତରଖାନା ମୁଖ୍ୟ ଫାଟକ, କରୋନା ପରୀକ୍ଷା କେନ୍ଦ୍ର, ଟିକାକରଣ କେନ୍ଦ୍ର, ଚକ୍ଷୁ, ଅସ୍ଥି, ଭେଷଜ, ଓପିଡି, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଟିକେଟ କାଉଣ୍ଟର, ଔଷଧ ବିତରଣ କେନ୍ଦ୍ର, ଏକ୍ସ-ରେ, ବ୍ଲଡ୍ ବ୍ୟାଙ୍କ, ଗୋଦାମ ଅଫିସ ଏବଂ ବିଭିନ୍ନ ଚଳପ୍ରଚଳ ସ୍ଥାନକୁ ସାନିଟାଇଜ କରିଥିଲେ। ବସନ୍ତ ନାୟକ, ରାଜୀବ ଦାସ, ଆଦିତ୍ୟ ଦାସ, ଶିବରାମ ବେହେରା, ଅଥାନୀ ନାଏକ, ଶିଖର ନାଏକ, ଜଗମୋହନ ନାଏକ, ସୁନୀଲ ସିଂ, ପଲ୍ଲଭ ଘୋଷ, ଉପଖଣ୍ଡ ରେଡ୍କ୍ରସ୍ ମୁଖ୍ୟ ବଳରାମ ପତି, ଡାକ୍ତରଖାନା ପରିଚାଳକ ଚିତ୍ତରଞ୍ଜନ ଚାନ୍ଦ, ସୁପରଭାଇଜର ରମାକାନ୍ତ ବଳ ପ୍ରମୁଖ ସହଯୋଗ କରିଥିଲେ। ସାମାଜିକ କର୍ମୀଙ୍କ ଏହି ମହତ କାର୍ଯ୍ୟକୁ ଉପଖଣ୍ଡ ଚିକିତ୍ସାଧିକାରୀ କର୍ଣ୍ଣରାମ ମହାନ୍ତ ପ୍ରଶଂସା କରିଥିଲେ।

### କମ୍ପାନୀ ଅଧିକାରୀଙ୍କୁ ନିର୍ଯାତନା ଅଭିଯୋଗ

**ଢେଙ୍କାନାଳ ଅଫିସ, ୧୮।୭:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍ଏଲ୍ କମ୍ପାନୀର ସୁରକ୍ଷା ବିଭାଗର ଡିଭିଜ୍ନାଲ ମ୍ୟାନେଜର ଲ୍ୟୁଟନାଣ୍ଟ କମାଣ୍ଡାଣ୍ଟ ଦୀପକ ପ୍ରସାଦଙ୍କୁ କମ୍ପାନୀର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ମାନସିକ ନିର୍ଯାତନା ଦେଉଥିବା କଣ୍ଟାବଣିଆ ଥାନାରେ ରବିବାର ଅଭିଯୋଗ ହୋଇଛି। ଏ ନେଇ ନଂ. ୭୨/୨୧ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗରେ ଦର୍ଶାଯାଇଛି, ଦୀପକପ୍ରସାଦଙ୍କୁ ଟେଲିଫୋନ ମାଧ୍ୟମରେ ସମ୍ପୃକ୍ତ ଅଧିକାରୀ ଯୌନ ନିର୍ଯାତନା ମାମଲାରେ ଫସାଇବାକୁ ଧମକ ଦେଉଛନ୍ତି। ଏଥିରେ ସେ ଏବଂ ତାଙ୍କ ପରିବାର ସଦସ୍ୟ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ତାଙ୍କ ବିରୋଧରେ ଯୌନ ନିର୍ଯାତନା ସମ୍ପର୍କିତ ତଦନ୍ତ କରାଯାଉଥିବା ଜାଣି ସେ ମାନସିକସ୍ତରରେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ଜାଣିବା ପରେ ତାଙ୍କ ସ୍ତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏପରି କି ସେ ତାଙ୍କୁ ଛାଡ଼ପତ୍ର ଦେବେ ବୋଲି କହୁଛନ୍ତି। ଏହି ଘଟଣା ପାଇଁ କମ୍ପାନୀର ମୁଖ୍ୟ କର୍ପୋରେଟ୍ ସେବା ଅଧିକାରୀ ଦାୟୀ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପଟେ ଅଭିଯୋଗ ଆସିବା ପରେ ଟାଟାଷ୍ଟିଲ୍ ବିଏସ୍ଏଲ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରତିକ୍ରିୟା ରଖାଯାଇଛି। ଦୀପକ ପ୍ରସାଦ ଆଣିଥିବା ଅଭିଯୋଗ ଭିତ୍ତିହୀନ। କମ୍ପାନୀ ସର୍ବଦା କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାକୁ ନେଇ କାର୍ଯ୍ୟ କରୁଛି। ଦୀପକ ପ୍ରସାଦ ଘଟଣା ସମ୍ପର୍କରେ କମ୍ପାନୀର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇନାହାନ୍ତି କିମ୍ବା ଅଭିଯୋଗ କରିନାହାନ୍ତି। ତାଙ୍କ ବିରୋଧରେ କମ୍ପାନୀ ନିୟମାବଳୀ ଉଲ୍ଲଂଘନ ଅଭିଯୋଗ ସମ୍ପର୍କରେ ଏକ ତଦନ୍ତ ଚାଲିଛି। ତଦନ୍ତରେ ପୋଲିସକୁ ସମସ୍ତ ପ୍ରକାର ସହାୟତା କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ସହରରେ ପୁଣି ବୋମା ଆତଙ୍କ

- ପୋଖରୀ ତୁଠରୁ ମିଳିଲା ୩ ଅଫୁଟା ବୋମା
- ଗୋଷ୍ଠୀ ବିବାଦ ତେଜିବା ଆଶଙ୍କାରେ ସହରବାସୀ
- ପୋଲିସର କାର୍ଯ୍ୟଦକ୍ଷତା ଉପରେ ଉଠିଲା ପ୍ରଶ୍ନ



**କାମାକ୍ଷାନଗର, ୧୮।୭(ଡି.ଏନ୍.ଏ.)**

ଗୋଷ୍ଠୀ ବିବାଦ, ଗୁଳିମାଡ଼ ଏବଂ ହତ୍ୟାକାଣ୍ଡ ଭଳି ଜଘନ୍ୟ ଘଟଣାକୁ ନେଇ ଅଧିକାଂଶ ସମୟ ଚର୍ଚ୍ଚାରେ ରହି ଆସୁଥିବା ଢେଙ୍କାନାଳ ଜିଲାର କାମାକ୍ଷାନଗରରେ ପୁଣି ଥରେ ବୋମା ଆତଙ୍କ ଦେଖାଦେଇଛି। ରବିବାର ସହର ମଧ୍ୟଭାଗରେ ଥିବା ଝୁମ୍ପାଣ ପୋଖରୀ ଗାଧୁଆ ତୁଠରେ ୩ ବୋମା ପଡ଼ିଥିବା ଦେଖିବାକୁ ମିଳିଥିଲା। ଗତ ଜୁନ୍ରେ ଦୁଇସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷରେ ଜଣେ ଯୁବକଙ୍କ ମୁଣ୍ଡ ଗଡ଼ିବାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ପୁଣି ଥରେ ଜୀବନ୍ତ ବୋମାକୁ ନେଇ ସହରବାସୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛି।

ଗୋଷ୍ଠୀ ବିବାଦ ଏବଂ ରାଜନୈତିକ କନ୍ଦଳକୁ ନେଇ ପାଖାପାଖି ୬ ମାସ ହେଲା କାମାକ୍ଷାନଗର ସହର ବାତାବରଣ ଅଶାନ୍ତ ହୋଇଉଠିଛି। ସାମାନ୍ୟ ଗଣ୍ଡଗୋଳରୁ ବିବାଦ ବଢ଼ି ଗୋଷ୍ଠୀ ସଂଘର୍ଷ ପର୍ଯ୍ୟନ୍ତ କଥାଯାଉଛି। ଗୁଳିମାଡ଼, ବୋମାମାଡ଼ ସାଧାରଣ ଘଟଣାରେ ପରିଣତ ହୋଇଛି। ସନ୍ଧ୍ୟାହେଲେ ସାଧାରଣ ଜନତାଙ୍କୁ ଅଜଣାଭୟ ଘାରୁଛି। କେହି ଘରୁ ପଦାକୁ ବାହାରୁନାହାନ୍ତି। ରାତି ୮ଟା ପରେ ରାସ୍ତାଘାଟ ଶୂନ୍ଶାନ ହୋଇପଡୁଛି।

ଗତ ଜୁନ୍ ୧୬ ସନ୍ଧ୍ୟାରେ ଗୋଡ଼ିସାହି ଏବଂ କଲୋନୀସାହି ମଧ୍ୟରେ ଲାଗି ରହିଥିବା ବିବାଦ ଉଗ୍ରରୂପ ନେଇଥିଲା। ଉଭୟ ପକ୍ଷ ମୁହାଁମୁହିଁ ହୋଇଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ବୋମା ଏବଂ ୫ ରାଉଣ୍ଡ ଗୁଳି ଫୁଟିଥିଲା। ଗୁଳିମାଡ଼ର ଶିକାର ହୋଇଥିବା କଲୋନୀ ସାହିର ତୋଫାନ ପାତ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ମେଡିକାଲରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅନ୍ୟ ୨ ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ଭିତରୁ ଜଣେ ସୁସ୍ଥ ହୋଇ ଫେରିଥିବାବେଳେ ଅନ୍ୟ ଜଣେ ଅଦ୍ୟାବଧି ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୋଲିସ ୨୧ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଅଦ୍ୟାବଧି ୧୧ ଜଣ ଗିରଫ ହୋଇ ସାରିଲେଣି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଥିବାବେଳେ ଝୁମ୍ପାଣ ପୋଖରୀ ଗାଧୁଆ ତୁଠରେ ବୋମା ପଡ଼ିବାକୁ ନେଇ ସହରବାସୀଙ୍କ ମଧ୍ୟରେ ଛନକା ପଶିଛି। ଅନ୍ୟପଟେ ସହରକୁ ଏତେ ପରିମାଣର ବୋମା ଏବଂ ବନ୍ଧୁକ କେଉଁ ସ୍ଥାନରୁ ଆସୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଞ୍ଚଳରେ ଲୁଚାଚୋରାରେ ବେଆଇନ ବନ୍ଧୁକ ଏବଂ ବୋମା ତିଆରି କରାଯାଉଥିବା ଚର୍ଚ୍ଚା ହେଉଥିବାବେଳେ ପୋଲିସ ଅପରାଧୀଙ୍କ ପାଖରେ ପହଞ୍ଚି ନ ପାରିବା ବିଭାଗ କାର୍ଯ୍ୟଦକ୍ଷତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏଭଳି ବେଆଇନ ମାରଣାସ୍ତ୍ର ନିର୍ମାଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ଏ ନେଇ କାମାକ୍ଷାନଗର ଥାନାଧିକାରୀ ସୁନୀଲ କୁମାର କର କୁହନ୍ତି, ଘଟଣାକୁ ନେଇ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। କେତେଜଣ ଦୁର୍ବୃତ୍ତ ଲୋକଙ୍କୁ ଭୟଭୀତ କରିବା ଲାଗି ସୁନୁଫୋଟକା ଭଳି ବାଣ ଫୁଟାଇ ଫେରାର ହୋଇଯାଉଛନ୍ତି। ପୂର୍ବରୁ ସାଇଣ୍ଟିଫିକ୍ ଟିମ୍ ଆସି ଯାଞ୍ଚ କରିଛନ୍ତି। ହେଲେ କୌଣସି ବୋମାର ସନ୍ଧାନ ମିଳି ନ ଥିଲା। ଏଥିରେ କେହି ଭୟଭୀତ ହେବା ଆବଶ୍ୟକ ନାହିଁ। ସବୁ ପରିସ୍ଥିତିକୁ ସାମ୍ନା କରିବା ଲାଗି କାମାକ୍ଷାନଗର ପୋଲିସ ପ୍ରସ୍ତୁତ ଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ଅଢ଼େଇ ମାସ ପରେ ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ, ୧୮।୭**

## ବୃଦ୍ଧାଙ୍କୁ ବଳାତ୍କାର ମାମଲା

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ନାତୁଣୀଙ୍କ ପାଖରେ ଆଟେଣ୍ଡାଣ୍ଟ ଭାବେ ଥିବା ଜଣେ ୬୫ ବର୍ଷୀୟ ବୃଦ୍ଧା ୨୦୨୧ ଏପ୍ରିଲ ୨୭ ବଳାତ୍କାରର ଶିକାର ହୋଇଥିଲେ। ଜଣେ ଯୁବକ କୌଶଳକ୍ରମେ ତାଙ୍କୁ ଉଠାଇ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଏକ ପୋଖରୀ ହୁଡ଼ାରେ ବଳାତ୍କାର କରିଥିଲେ। ଘଟଣାର ଅଢ଼େଇ ମାସ ପରେ ଟାଉନ ଥାନା ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସଦର ଥାନା ମହୁଲପଡ଼ା ଗ୍ରାମର ଶିଶିର ମଲ୍ଲିକ। ସଦର ଏସ୍ଡିପିଓ ବିକାଶ ବେଉରିଆ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ବୃଦ୍ଧା ଜଣକ ବଳାତ୍କାରର ଶିକାର ହେବା ନେଇ ଜୁନ୍ ୨୮ରେ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ନଂ. ୧୮୩/୨୧, ଦଫା ୩୭୬ (ଡି), ୩୭୬ (୨)(ଏମ୍)ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ସିସିଟିଭି ଫୁଟେଜ୍ ଆଧାରରେ ଟାଉନ ଥାନା ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଶିଶିର ମହୁଲପଡ଼ାରେ ଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ସେ ନିଜର ଦୋଷ ସ୍ୱୀକାର କରିଛନ୍ତି। ଅଭିଯୁକ୍ତ ବ୍ୟବହାର କରୁଥିବା ଏକ ବାଇକ୍ ଜବତ କରାଯାଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଟାଉନ ଥାନାଧିକାରୀ ନମିତା ନାୟକ ଉପସ୍ଥିତ ଥିଲେ।



ବୃଦ୍ଧାଙ୍କୁ ବଳାତ୍କାର ମାମଲାରେ ଗିରଫ ଅଭିଯୁକ୍ତ।




ଢେଙ୍କାନାଳ ଇନରହ୍ୱିଲ କ୍ଲବ କପିଳାସ ପକ୍ଷରୁ ସହର ଉପକଣ୍ଠ ମହିଷାପାଟସ୍ଥିତ ରୁଦ୍ରେଶ୍ୱର ମନ୍ଦିର ପରିସରରେ ଚାରା ରୋପଣ କରାଯାଇଛି। ଏହି ଅବସରରେ ବହୁ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବର୍ଷେ ହେଲା ମିଳୁନି ବୀମାରାଶି

- ବୈଠକ କରି ଅସନ୍ତୋଷ ଝାଡ଼ିଲେ କ୍ଷତିଗ୍ରସ୍ତ ଚାଷୀ
- ବୁଧବାର ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବାକୁ ନିଷ୍ପତ୍ତି

**ଢେଙ୍କାନାଳ ଅଫିସ, ୧୮।୭**

ଲଗାଣ ବର୍ଷାରେ ଜମିରେ ମାଡ଼ିଗଲା ପାଣି। ବ୍ୟାପକ ଫସଲ କ୍ଷୟକ୍ଷତି ହେଲା। କୃଷି ବିଭାଗ ଅଧିକାରୀ ଆସି କ୍ଷୟକ୍ଷତି ଆକଳନ କଲେ। ଚାଷୀଙ୍କୁ ଆଶ୍ୱାସନା ବି ଦେଲେ। ଘଟଣାକୁ ପାଖାପାଖି ବର୍ଷେ ବିତିଗଲାଣି। ହେଲେ ବୀମାଭୁକ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳୁନାହିଁ, ଯାହାକୁ ନେଇ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅଞ୍ଚଳର ପ୍ରାୟ ୪୦ ଜଣ ଚାଷୀ ବୁଧବାର ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗତବର୍ଷ ଅଗଷ୍ଟ ୨୮ରୁ ୩୦ ତାରିଖ ଯାଏ ହୋଇଥିବା ଲଗାଣବର୍ଷାରେ କରମୂଳ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଚାଷ ଜମିରେ ପାଣି ମାଡ଼ିଯିବାରୁ କରମୂଳ, ଆମ୍ବପଡ଼ା, ଗୋରଡ଼ାପାଳ, ରାଇପାଳ, ମକୁନ୍ଦପୁର, ଅଶ୍ୱଖୋଲା, ମଝିପାଳ, ଭାଲିଆକଣ, ହାତିବାରୀ ସମେତ ଆଖପାଖ ଗ୍ରାମରେ ବ୍ୟାପକ ଫସଲ ନଷ୍ଟ ହୋଇଯାଇଥିଲା। ଢେଙ୍କାନାଳ ବିଧାୟକ କ୍ଷେତ୍ର ପରିଦର୍ଶନ କରିଥିଲେ। ଗଁଦିଆ ତହସିଲଦାର, ବିଡିଓ, ରାଜସ୍ୱ ନିରୀକ୍ଷକ ଏବଂ ବୀମା କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିଲେ। ତେବେ ଅଦ୍ୟାବଧି କ୍ଷତିଗ୍ରସ୍ତ ଚାଷୀ ବୀମାରାଶିରୁ ବଞ୍ଚିତ ହୋଇ ରହିଛନ୍ତି। କରଜ ଭାର ବଢ଼ିବାରେ ଲାଗିଛି। ଏ ନେଇ ସେମାନେ ଜିଲାପାଳ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଚଳିତବର୍ଷ ମଧ୍ୟ ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜଳସେଚନର ସୁବିଧା ନ ଥିବାରୁ କୃଷି କାର୍ଯ୍ୟ ଆଗେଇ ପାରୁନାହିଁ। ଚାଷୀଙ୍କୁ ତୁରନ୍ତ ବୀମାରାଶି ପ୍ରଦାନ ପାଇଁ ଦ୍ୱିତୀକୃଷ୍ଣ ବୋଇତୋଇ, ନୃସିଂହ ମଲ୍ଲିକ, ଶ୍ରୀନିବାସ ମଲ୍ଲିକ, ଅଶୋକ ପାତ୍ର, ଚିନ୍ତାମଣି ତ୍ରିପାଠୀ, ଶରତ ବେହେରା, ବୁଦ୍ଧିମନ୍ତ ଚିନ୍ନାରା, ରବିନାରାୟଣ ସାହୁ, ଚିତ୍ରସେନ ତରାଇ, ସୁରେଶ ପ୍ରଧାନ, ପ୍ରଦ୍ୟୁମ୍ନ ପଣ୍ଡା, ସୁରେଶ ତରାଇ, ବିଷ୍ଣୁଚରଣ ଦାସ, ରତ୍ନାକର ପରିଡ଼ା, ମୀନକେତନ ସ୍ୱାଇଁ, ପଙ୍କଜ ସାମଲ ପ୍ରମୁଖ ଦାବି କରିଛନ୍ତି।

# କଂଗ୍ରେସର ଦସ୍ତଖତ ସଂଗ୍ରହ ଅଭିଯାନ

**କାମାକ୍ଷାନଗର, ୧୮।୭(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ରେକୁଲାସ୍ଥିତ ଜୟ ମା' ମଙ୍ଗଳା ପେଟ୍ରୋଲ ପମ୍ପ ସମ୍ମୁଖରେ ଜିଲା କିଷାନ କଂଗ୍ରେସ ସଭାପତି ବିପ୍ରବର ସାହୁଙ୍କ ନେତୃତ୍ୱରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସାରା ଦେଶରେ ପେଟ୍ରୋଲ, ଡିଜେଲ, ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୀତି ଯୋଗୁ ସାଧାରଣ ଜନତାଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଥିବା ଦଳୀୟ କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଥିଲେ। ଏହି ଅବସରରେ ଏକ ଦସ୍ତଖତ ସଂଗ୍ରହ ଅଭିଯାନ କରାଯାଇଥିଲା। ଏଥିସହ ଫିଲିଂ ଷ୍ଟେଶନକୁ ଆସୁଥିବା ଗାଡ଼ିଚାଳକଙ୍କୁ କେନ୍ଦ୍ର ସରକାରଙ୍କ ଶୋଷଣ ନୀତି ବିରୋଧରେ ସଚେତନ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ପ୍ରଭୁଦତ୍ତ ଭଞ୍ଜ, ପବିତ୍ର ଦେହୁରୀ, ଦିଲୀପ ସାମଲ, ରତିକାନ୍ତ ଦାସ, ରଞ୍ଜନ ବେହେରା, ଚଇନା ରାଉତଙ୍କ ସମେତ ବହୁ ସାଧାରଣ ଲୋକ ମଧ୍ୟ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସ କର୍ମୀମାନେ ଗାଡ଼ି ଚାଳକଙ୍କୁ ସଚେତନ କରାଉଛନ୍ତି।

# ୧୦୦ ଫୁଟ୍ ତଳକୁ ଖସିଲା ଟ୍ରକ୍

## ଡ୍ରାଇଭର ମୃତ, ହେଲ୍ପର ଗୁରୁତର

**ବାରିପଦା ଅଫିସ,୧୮।୭**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ରବିବାର ସକାଳେ ଏକ ଲୁହା ପଥର ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଶହେ ଫୁଟ ତଳକୁ ଖସିପଡ଼ିଛି । ଫଳରେ ଟ୍ରକ ତଳେ ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲପର ଗୁରୁତର ହୋଇଛନ୍ତି। ମୃତକ ହେଲେ ବିହାର ରାଜ୍ୟ ଗୟା ଜିଲା ଫତେପୁର ଥାନା ଅନ୍ତର୍ଗତ ପ୍ରତାପପୁର ଗ୍ରାମର ରଣଜିତ କୁମାର(୩୦)। ଆହତ ଭିକି କୁମାରଙ୍କୁ ପ୍ରଥମେ ବାଙ୍ଗିରିପୋଷି ଡାକ୍ତରଖାନା ଓ ପରେ ଅବସ୍ଥା ଗୁରୁତର ହେବାରୁ ବାରିପଦା ପିଆର୍ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଟ୍ରକ୍ଟି କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରୁ ଲୁହାପଥର ବୋଝେଇ କରି ପଶ୍ଚିମବଙ୍ଗର ହଳଦିଆକୁ ଯାଉଥିଲା । ଦୁର୍ଘଟଣା ଖବରପାଇ ସ୍ଥାନୀୟ ପୋଲିସ ଓ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୧୬୪/୨୧) ରୁଜୁହୋଇଛି। ମୃତକଙ୍କ ପରିବାର ଲୋକେ ପହଞ୍ଚିଲେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନାଧିକାରୀ ସଞ୍ଜୟ ପରିଡ଼ା କହିଛନ୍ତି।

# ଭର୍ଚୁଆଲ ପ୍ରତିଯୋଗିତା: ଭାଗନେଲେ ୧୨୪ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ, ୧୮।୭**

ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଢେଙ୍କାନାଳ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଜିଲାସ୍ତରୀୟ ପ୍ରତିଯୋଗିତା ଭର୍ଚୁଆଲ୍ ମୋଡ୍ରେ ଅନୁଷ୍ଠିତ ହୋଇଛି। ଜିଲା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ, ରାଜ୍ୟ ସରକାରଙ୍କ ମନୋନୀତ ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୁର ପାଟସାହାଣୀ, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଏହାକୁ ଉଦ୍ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ବକ୍ତୃତା, କବିତା ଆବୃତ୍ତି ପ୍ରତିଯୋଗିତା ଆୟୋଜନ କରାଯାଇଥିବାବେଳେ ୧୨୪ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ସାମଲ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ସଙ୍ଗୀତଜ୍ଞ ଯାମିନୀ ରଞ୍ଜନ ଦାସ, ସାହିତ୍ୟିକ ଆର୍ଯ୍ୟରତ୍ନ ଚକ୍ରଧର ପ୍ରମୁଖ ଯୋଗ ଦେଇଥିଲେ। ପ୍ରତି ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୨୦ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଭାଗନେବେ।




ଅତିଥିମାନେ ପ୍ରତିଯୋଗିତାକୁ ଉଦ୍ଘାଟନ କରୁଛନ୍ତି।

# ଶୀଘ୍ର ଅମଳକ୍ଷମ ଧାନ ଚାଷ ପରାମର୍ଶ

**ଢେଙ୍କାନାଳ ଅଫିସ,୧୮।୭**

## କ୍ଷେତ୍ର ପରିଦର୍ଶନ କଲେ କୃଷି ନିର୍ଦ୍ଦେଶକ

ରାଜ୍ୟ କୃଷି ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଶନିବାର ଢେଙ୍କାନାଳ ଜିଲାର ଓଡ଼ାପଡ଼ା ବ୍ଲକ ରସାସିଂହ, ତେନ୍ତୁଳିଆପଡ଼ା, ସଦାଶିବପୁର ଗ୍ରାମର ଧାନ ଚାଷ ଜମି ପରିଦର୍ଶନ କରିଛନ୍ତି। ଢିପ ଜମିରେ ଅଣଧାନ ଚାଷ କରିବା, ଆବଶ୍ୟକସ୍ଥଳେ ଶୀଘ୍ର ଅମଳକ୍ଷମ ଧାନ ଚାଷ କରିବା, ତଳି ଘେରାରେ ନିକଟ ପୋଖରୀ କିମ୍ବା ଗାଡ଼ିଆରୁ ଜଳସେଚନ କରିବାକୁ ସେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ।

ସ୍ୱଳ୍ପ ବୃଷ୍ଟି ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଖରିଫ୍ ଚାଷ ପ୍ରଭାବିତ ହୋଇଛି। ସପ୍ତାହକ ମଧ୍ୟରେ ବର୍ଷା ହେଲେ ସ୍ଥିତି ସୁଧୁରିଯାଇପାରେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସଦାଶିବପୁର ଗ୍ରାମରେ ରେଙ୍ଗାଳି ଶାଖା କେନାଲ ବନ୍ଧ ଭାଙ୍ଗି ଯାଇଥିବାରୁ ଏହା ଉପରେ ନିର୍ଭର କରୁଥିବା ୪ଟି ଗ୍ରାମର ଚାଷ କ୍ଷତିଗ୍ରସ୍ତ ହେବ। ଏ ନେଇ ଚାଷୀମାନେ କୃଷି ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଜଳସେଚନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବାକୁ କୃଷି ନିର୍ଦ୍ଦେଶକ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱଳ୍ପ ବର୍ଷାରେ ଫସଲ ଉତ୍ପାଦନ ନେଇ ଚାଷୀମାନେ ଚିନ୍ତାଗ୍ରସ୍ତ ହେବା ସ୍ୱାଭାବିକ। ଏଥିଲାଗି ଓଡ଼ାପଡ଼ାସ୍ଥିତ କୃଷି ସୂଚନା ପରାମର୍ଶ କେନ୍ଦ୍ରରେ ସ୍ୱଳ୍ପ ବୃଷ୍ଟିଜନିତ ପରିସ୍ଥିତିରେ ଚାଷ ସମ୍ପର୍କିତ ଉପଯୁକ୍ତ ବୈଷୟିକ ପରାମର୍ଶ ଦେଲେ ସେମାନେ ଉପକୃତ ହେବେ। ଆବଶ୍ୟକ ସମୟରେ ଚାଷୀଙ୍କ ମାର୍ଗଦର୍ଶନ କରି କୃଷି କାର୍ଯ୍ୟ ଆଗକୁ ନେବାକୁ କୃଷି ନିର୍ଦ୍ଦେଶକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କ୍ଷେତ୍ର ପରିଦର୍ଶନ ସମୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ, ଓଡ଼ାପଡ଼ା ସହକାରୀ କୃଷି ଅଧିକାରୀ ଶାଶ୍ୱତୀ ମିଶ୍ର, ଜିଲା ସହକାରୀ କୃଷି ଅଧିକାରୀ ମାନସୀ ଦାସ, ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଜଳଧର ବେହେରା, ଗ୍ରାମ୍ୟ କୃଷି କର୍ମଚାରୀ ଗ୍ଲିସୋରିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ଢେଙ୍କାନାଳ ଜିଲାର ଅଧିକାଂଶ ବ୍ଲକରେ ମୌସୁମୀ ବର୍ଷା ସ୍ୱାଭାବିକ ହୋଇନାହିଁ। କେତେକ ସ୍ଥାନରେ ଗଜାମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି ପାଣି ନ ଥିବାରୁ ତଳି କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି।



କ୍ଷେତ୍ର ପରିଦର୍ଶନ ଅବସରରେ କୃଷି ନିର୍ଦ୍ଦେଶକ ବିଭାଗୀୟ ଅଧିକାରୀ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

